ODIA DAILY EDITION
29.10.2024
କଟକ, ମଙ୍ଗଳବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଅକ୍ଟୋବର-୨୯, ୨୦୨୪
ବର୍ଷ-୩୬, ସଂଖ୍ୟା-୧୧୩
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା
ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ: ମୁଖ୍ୟମନ୍ତ୍ରୀ

- ଦୁର୍ନୀତି କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହାର ୫୦%ରୁ ଅଧିକ
- ଆୟବହିର୍ଭୂତ ସମ୍ପତ୍ତିରେ ଦୋଷୀ ସାବ୍ୟସ୍ତ ହାର ୮୦%ରୁ ଅଧିକ
- ଭିଜିଲାନ୍ସ ବିଭାଗ ପାଇଁ ୮ ନୂତନ ଅତିରିକ୍ତ ଏସ୍‌ପି ପଦବୀ ଓ ୨୪ ନୂତନ ଡିଏସ୍‌ପି ପଦବୀ ବୃଦ୍ଧି ହେବ
- ଦୁର୍ନୀତି ନିବାରଣ କ୍ଷେତ୍ରରେ ରାଜ୍ୟ ଫରେନସିକ ବିଜ୍ଞାନ ପରୀକ୍ଷାଗାର ପ୍ରତିଷ୍ଠା କରାଯିବ

**ଭୁବନେଶ୍ୱର, ୨୮।୧୦:** ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ ହଲ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ୨୦୨୪ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତିକୁ ଦୃଢ ଭାବେ ବିରୋଧ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦୁର୍ନୀତି ହେଉଛି ଭୟଙ୍କର ମଧୁମେହ ରୋଗ ସଦୃଶ୍ୟ। ଦୁର୍ନୀତିର କୁପ୍ରଭାବ ପ୍ରଥମେ ଜଣା ପଡିବ ନାହିଁ, ଧିରେ ଧିରେ ଏହା ବ୍ୟକ୍ତିଗତ ସ୍ତରରେ ଓ ସମାଜ ସ୍ତରରେ ଭୟଙ୍କର କୁପ୍ରଭାବ ପକାଇଥାଏ। ଭାରତୀୟ ସମାଜରେ ଦୁର୍ନୀତିର କୁପ୍ରଭାବ ଯେ କେତେ ଥିଲା, ଏହା ଜାଣିବାକୁ ରକେଟ ବିଜ୍ଞାନର ଜ୍ଞାନ ଆବଶ୍ୟକତା ନାହିଁ। ଏ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ନିଜେ ଗୋଟିଏ ସାଧାରଣ ସଭାରେ କହିଥିଲେ ଯେ ମୁଁ ଦିଲ୍ଲୀରୁ ଗୋଟିଏ ଟଙ୍କା ପଠାଇଲେ ହିତାଧିକାରୀ ମାତ୍ର ୧୫ ପଇସା ପାଉଛି। ଏଠାରେ ପ୍ରଶ୍ନ ହୁଏ, ଯେ ବାକି ୮୫ ପଇସା କାହା ପକେଟକୁ ଯାଉଥିଲା। ଏହାର ଉତ୍ତର ଆପଣମାନେ ସମସ୍ତେ ଜାଣିଛନ୍ତି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଦୁର୍ନୀତି ନିବାରଣ ବିଭାଗର ଆଜି ଦୋଷୀ ସାବ୍ୟସ୍ତ ହାର ୫୦ ପ୍ରତିଶତରୁ ଅଧିକ ଏବଂ ଆୟବହିର୍ଭୁତ ଦୋଷୀ ସାବ୍ୟସ୍ତ ହାର ୮୦ ପ୍ରତିଶତରୁ ଅଧିକ। ଆମ ସରକାର ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଓ ମାନବ ସମ୍ବଳ ବୃଦ୍ଧି କରି ଓଡିଶା ଭିଜିଲାନ୍ସକୁ ସୁଦୃଢ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଭିଜିଲାନ୍ସ ବିଭାଗ ପାଇଁ ୮ଟି ନୂତନ ଅତିରିକ୍ତ ଏସ୍‌ପି ପଦବୀ ଓ ୨୪ ଟି ନୂତନ ଡିଏସ୍‌ପି ପଦବୀ ବୃଦ୍ଧି କରାଯିବ। ଏସବୁ ପଦବୀ ଗୁଡିକ ଭିଜିଲାନସ ବିଭାଗର ତଦନ୍ତ ଅନୁସନ୍ଧାନ, ତଦାରଖ ଓ ଦୁର୍ନୀତି ମାମଲାର ବିଚାର ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବ। ତଦନ୍ତ ଏବଂ ଅନୁସନ୍ଧାନରେ ସହାୟତା କରିବା ପାଇଁ ୧୬ ଜଣ ସବ୍‌ଇନସିପେକ୍ଟରଙ୍କୁ ମଧ ନିୟୋଜିତ କରାଯିବ। ଏହା ସହିତ ଆଗାମୀ ଦିନରେ ୨୪ ଜଣ ଚାଟାର୍ଡ ଆକାଉଣ୍ଟାଟ ଓ ବ୍ୟାଙ୍କିଙ୍ଗ ଓ ସାଇବର ବିଶେଷଜ୍ଞ ମଧ ବିଭାଗରେ ଅନ୍ତର୍ଭୁକ୍ତ ହେବା ପାଇଁ ଅନୁମୋଦନ ହୋଇଛି। ଭିଜିଲାନ୍ସ ଟିମର ଗତିଶୀଳତା ବୃଦ୍ଧି କରିବା ପାଇଁ ୧୩୫ଟି ନୂତନ ମୋଟରସାଇକେଲ, ୧୫୦ଟି ନୂତନ ଡେସ୍କଟପ/ଲାପଟପ ଯୋଗାଇ ଦିଆଯିବ ଏଥି ସହିତ ରାଜ୍ୟ ଫରେନସିକ ବିଜ୍ଞାନ ପରୀକ୍ଷାଗାର ନିର୍ଦ୍ଦେଶାଳୟ ମଧରେ ପ୍ରତିଷ୍ଠା କରାଯିବ।




**ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୪ରେ ଯେତେବେଳେ ପ୍ରଥମଥର ପାଇଁ ପାଇଁ ପାର୍ଥିତ୍ୱ କରିଥିଲେ ସେ ସମୟରେ ଚାଲିଥିବା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ବିଭିନ୍ନ ଦୁର୍ନୀତି ଓ ସ୍କାମ୍‌ରେ ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ଦେଶ ବୁଡି ରହିଥିଲା। ସାଧାରଣ ଜନତା ଏହି ଦୁର୍ନୀତିର ଭାରରେ ଅଣନିଶ୍ୱାସୀ ହୋଇଯାଇଥିଲେ।

୨୦୧୪ରେ ଶାସନ ଡୋରୀ ହାତକୁ ନେବା ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଦିନରୁ ହିଁ ଆରମ୍ଭ କରିଦେଇଥିଲେ ଦୁର୍ନୀତି ବିରୋଧରେ ମହାସଂଗ୍ରାମ। ଯାହା ଆଜିବି ଚାଲୁ ରହିଅଛି। ପ୍ରଧାନମନ୍ତ୍ରୀଙ୍କ ଦୁର୍ନୀତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ବଳରେ ଆଜି ଦିଲ୍ଲୀରୁ ଯେଉଁ ସହାୟତା ରାଶି ହିତାଧିକାରୀଙ୍କ ପାଖକୁ ଆସୁଛି ଏହା ସମ୍ପୂର୍ଣ୍ଣ ରୂପେ ହିତାଧିକାରୀଙ୍କ ଖାତାରେ ପହଂଚୁଛି। ପ୍ରଧାନମନ୍ତ୍ରୀଙ୍କ ଡିବିଟି ମାଧ୍ୟମ ହେଉଛି ଦୁର୍ନୀତି କୁ ରୋକିବା ପାଇଁ ପ୍ରମୁଖ ଅସ୍ତ୍ର। ଆଜି ଦୁର୍ନୀତିଖୋର ଯେତେ ବଡ ହୋଇଥାଉ ନା କାହିଁକି। ତା ପାଇଁ ଦୁଇଟି ସ୍ଥାନ ରହିଛି। ଜେଲ୍ ଅଥବା ବିଦେଶ। ବିଦେଶରେ ବି ସେମାନେ ସୁରକ୍ଷିତ ନୁହନ୍ତି। ଆଇନ୍ ବଳରେ ଦେଶକୁ ଆଣି ଜେଲ୍ ପଠାଇବାର ସବୁ ବ୍ୟବସ୍ଥା କେନ୍ଦ୍ର ସରକାର କରିଛନ୍ତି।

ମୋଦୀଜୀଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ଅନୁପ୍ରାଣିତ ହୋଇ ରାଜ୍ୟ ସରକାର ମଧ ଦୁର୍ନୀତି ବିରୋଧରେ ସଂଗ୍ରାମକୁ ଶାସନର ମୁଖ୍ୟ ଲକ୍ଷ୍ୟ ଭାବେ ଗ୍ରହଣ କରି ଏହା ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି।

## ଶିମିଳିପାଳ ଅଭୟାରଣ୍ୟରେ ବୁଲିଲା ବାଘୁଣୀ 'ଯମୁନା'



**ମୟୂରଭଞ୍ଜ, ୨୮।୧୦:** ଶିମିଳିପାଳ ଅଭୟାରଣ୍ୟରେ ବାଘୁଣୀ 'ଯମୁନା'। ଶିମିଳିପାଳ ଅଭୟାରଣ୍ୟ କୋର୍ ଏରିଆରେ ବାଘୁଣୀ ଯମୁନାକୁ ଛଡ଼ାଯାଇଛି। ଶିମିଳିପାଳରେ ମହାବଳ ବାଘ ବଂଶ ବିସ୍ତାର କରିବା ଦିଗରେ କାମ କରିବ। ରବିବାର ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଶିମିଳିପାଳକୁ ଅଣାଯାଇଥିଲା ଗୋଟିଏ ବାଘୁଣୀ। ଅଢ଼େଇ ବର୍ଷର ବାଘୁଣୀକୁ ଧରି ବନବିଭାଗ ଟିମ୍ ଶିମିଳିପାଳ ପହଞ୍ଚିଥିଲେ। ଆଜି ଶିମିଳିପାଳ କୋର୍ ଏରିଆରେ ବାଘକୁ ଛଡ଼ା ଯାଇଛି। ରାଜ୍ୟରେ ବର୍ତ୍ତମାନ ମୋଟ ୩୦ଟି ମହାବଳ ବାଘ ଥିବା ବେଳେ ତା'ମଧ୍ୟରୁ ୨୭ଟି ଅଛନ୍ତି ଶିମିଳିପାଳ ଅଭୟାରଣ୍ୟରେ। ଏହି ୨୭ଟି ଭିତରୁ ୧୩ଟି ହେଉଛି କଳା ମେଲାନିଷ୍ଟିକ ବାଘ। ତେବେ ଜେନେଟିକ୍ ଇନବ୍ରିଡିଂକୁ ରୋକିବା ସହ ମହାବଳ ବଂଶ ବିସ୍ତାର ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଖୁବଶୀଘ୍ର ମହାରାଷ୍ଟ୍ରରୁ ଆଉ ଏକ ମହାବଳ ବାଘକୁ ଶିମିଳିପାଳ ଅଣାଯିବ ବୋଲି ସୂଚନା ଦେଇଛି ବନ ବିଭାଗ।

## ୨ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**କଳାହାଣ୍ଡି, ୨୮।୧୦:** ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଓ ଜରିମାନା। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଧର୍ମଗଡ ଏଡିଜେ ଏହି ରାୟ ଶୁଣାଇଛନ୍ତି। ୨୦୧୫ ମସିହାରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଆମଯୋର ଗାଁରେ ମନୁ ରଣାଙ୍କୁ ଅତି ବୀଭସ୍ତ ଭାବେ ହତ୍ୟା କରାଯାଇଥିଲା। ବିଚ୍ ରାସ୍ତାରେ ମନୁଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ଶିଶୁଘାଟି ଡଙ୍ଗରରେ ଫିଙ୍ଗି ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଖଗେଶ୍ୱର ରାଉତ ଓ ଗଦାଧର ରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ରାୟ ପ୍ରକାଶ ପାଇଛି। ଧର୍ମଗଡ ଅତିରିକ୍ତ ଜିଲ୍ଲା ଦୌରାଜଜ(ଇଉଓ) ସୁରେଶ ଚନ୍ଦ୍ର ପ୍ରଧାନ ମାମଲାକୁ ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସାକ୍ଷୀ ଓ ତଥ୍ୟ ପ୍ରମାଣ ଆଧାରରେ ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି।

| | |
|---|---|
| ସେନ୍‌ସେକ୍ସ | ୮୦,୦୦୫ |
| ନିଫ୍ଟି | ୨୪,୩୩୯ |
| ସୁନା/୧୦ଗ୍ରା | ୮୦,୫୧୦ |
| ରୂପା/କିଗ୍ରା | ୯୮,୦୦୦ |
| ଡଲାର | ୮୪.୦୭ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୨.୨° |
| କଟକ: | ୩୧.୨° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୩.୦° |
| କଟକ: | ୨୨.୦° |

### ହାଲ୍‌ଚାଲ୍



ସୁଭଦ୍ରା ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା ଖୁବଶୀଘ୍ର ମିଳିବ
ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ
ତାରିଖ ଘୋଷଣା ହୋଇବ
ଯୋଗ୍ୟ ହିତାଧିକାରୀ ଉପକୃତ ହେବେ
ଖାତାକୁ ଟଙ୍କା ଯିବ ।

## ଓଏଏସ୍ ସ୍ତରରେ ଅଦଳ ବଦଳ

### ମନୋରଞ୍ଜନ ସାହୁ ଭୁବନେଶ୍ୱର ଉପଜିଲ୍ଲାପାଳ

**ଭୁବନେଶ୍ୱର, ୨୮।୧୦:** ଓଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। କ୍ରୀଡ଼ା ଓ ଯୁବ ସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କୁ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ମମତା ବାରିକଙ୍କୁ ଓଡ଼ିଶା ଜୀବିକା ମିଶନର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ମିଶନ ଶକ୍ତି ବିଭାଗରେ ଯୁଗ୍ମ ସଚିବ ଥିବା ବିନୋଦ କୁମାର ଜେନାଙ୍କୁ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି।

ପୁରୀ ସବ୍ କଲେକ୍ଟର ଗୋପୀନାଥ କୁଅଁରଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବା ବେଳେ ସୂରଜ କୁମାର ପଟ୍ଟନାୟକଙ୍କୁ ବରଗଡ଼ ଜିଲ୍ଲା ପରିଷଦର ଅତିରିକ୍ତ ଇଓ ଭାବେ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଡେପୁଟି କମିଶନର ଥିବା ରାଜ କିଶୋର ଜେନାଙ୍କୁ ପୁରୀ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି।




ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ପୂର୍ବତନ ସବ୍-କଲେକ୍ଟର ହେମସାଗର ଭୋଇ ଏବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଓ ପିଜି) ବିଭାଗରେ କାର୍ଯ୍ୟରତ ଥିବା ବେଳେ ତାଙ୍କୁ କୁଚିଣ୍ଡା ଆଇଟିଡିଏ ପିଏ ଭାବେ ବଦଳି କରାଯାଇଛି। ସୋହେଲା ବିଡିଓ ସୁରେନ୍ଦ୍ର ମେହେରଙ୍କୁ ସୁବର୍ଣ୍ଣପୁରର ଅତିରିକ୍ତ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ରେ ଜିଏମ୍ (ସୋସିଆଲ ପ୍ରୋଜେକ୍ଟସ) ଥିବା ମନୋରଞ୍ଜନ ସାହୁଙ୍କୁ ଭୁବନେଶ୍ୱର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି।

ଯାଜପୁରର ଅତିରିକ୍ତ ସବ୍ କଲେକ୍ଟର ମନୋରମା ଜାଲିଙ୍କୁ ଭୁବନେଶ୍ୱରସ୍ଥିତ ଏସ୍‌ଆଇଆରଡିର ଡେପୁଟି ଡାଇରେକ୍ଟର ଭାବେ ବଦଳି କରାଯାଇଛି। ବଲାଙ୍ଗିର ତହସିଲଦାର ସୁନୀଲ କୁମାର ମେହେରଙ୍କୁ ପାଟଣାଗଡ଼ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି।

### ଆୟୁଷ୍ମାନ ଭାରତ ଯୋଜନା

## ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାରେ ଲାଗୁ

- ମଙ୍ଗଳବାର ଓଡ଼ିଶାରେ ଲଞ୍ଚ
- ମୋଡାଲିଟି ପ୍ରସ୍ତୁତ ପରେ ଲାଗୁ ହେବ

**ଭୁବନେଶ୍ୱର, ୨୮।୧୦:** ଆୟୁଷ୍ମାନ ଭାରତ ଯୋଜନାର ପାର୍ଟ ୨ ମଙ୍ଗଳବାର ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଲଞ୍ଚ ହେବ, ଯାହାକୁ ଓଡ଼ିଶା କେବଳ ଗ୍ରହଣ କରିବ । ଯେହେତୁ ଓଡ଼ିଶାରେ ପୂର୍ବରୁ ଆୟୁଷ୍ମାନ ଯୋଜନା ଲାଗୁ ହୋଇନଥିଲା, ତେଣୁ ତାର ମୋଡାଲିଟି ବି ପ୍ରସ୍ତୁତ ହୋଇନାହିଁ । ଆମେ ଖୁବ୍ ଶୀଘ୍ର ମୋଡାଲିଟି ପ୍ରସ୍ତୁତ କରି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାକୁ ଲାଗୁ କରିବୁ। ଏଭଳି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।




ସେ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆୟୁଷ୍ମାନ ଭାରତ ଯୋଜନା ପାର୍ଟ ୧ ଓ ୨ ଓଡ଼ିଶାରେ ଲାଗୁ କରିବା ପାଇଁ ଆମେ ପ୍ରସ୍ତୁତି ଚଳାଇଛୁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ସରିଛି ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ଚାଲିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କାର୍ଡ ଇସ୍ୟୁ କରିବା ସହ ଯୋଜନାର ଶୁଭାରମ୍ଭ କରାଯିବ। ଉଭୟ ଆୟୁଷ୍ମାନ ଯୋଜନା ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନାର ଗୋଟିଏ କାର୍ଡ ହେବ। ରାଜ୍ୟରେ ଏକ କୋଟି ପରିବାର ପାଇଁ ଏହି ନୂଆ କାର୍ଡର ବ୍ୟବସ୍ଥା କରାଯିବ। ନୂଆ କାର୍ଡ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଯୋଗାଇ ଦିଆଯିବ। ପୁରୁଣା କାର୍ଡରେ ପୂର୍ବରୁ ୯୫୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଥିଲା। ବର୍ତ୍ତମାନ ନୂଆ କାର୍ଡ ଲଞ୍ଚ ହେବା ପରେ ୨୭ ହଜାର ହସ୍ପିଟାଲରେ ଲୋକଙ୍କୁ ଚିକିତ୍ସା ସୁବିଧା ମିଳିବ।

ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତିକୁ ଏବେ ମୋହର ମାରୁଛନ୍ତି ମୋହନ ସରକାର । ନୂଆ କାର୍ଡରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳିବ । ଯାହାର ମୋଡାଲିଟ ଖୁବଶୀଘ୍ର ପ୍ରସ୍ତୁତ କରିବେ ସରକାର ।

## ଖୁବ୍‌ଶୀଘ୍ର ମିଳିବ 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା

- ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ
- ସଠିକ ସମୟରେ ଘୋଷଣା କରାଯିବ ତାରିଖ

**ଭୁବନେଶ୍ୱର, ୨୮।୧୦:** ଖୁବ୍ ଶୀଘ୍ର ମିଳିବ 'ସୁଭଦ୍ରା'ର ତୃତରୟ ପର୍ଯ୍ୟାୟ ପ୍ରଥମ କିସ୍ତିର ଟଙ୍କା। ଏହି ପର୍ଯ୍ୟାୟରେ ବାକି ଥିବା ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଟଙ୍କା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଆଜି ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା।

ଗତ ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ଦିନ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନେକ ହିତାଧିକାରୀଙ୍କୁ ଗତ ୯ ତାରିଖରେ ମିଳିଥିଲା ପ୍ରଥମ କିସ୍ତି ଟଙ୍କା। ଉକ୍ତ ଦିନ ୩୫ ଲକ୍ଷରୁ ଅଧିକ ହିତାଧିକାରୀ ଏହି ଟଙ୍କା ପାଇଥିଲେ। ପ୍ରଥମ ଦୁଇ ପର୍ଯ୍ୟାୟରେ ଏଯାବତ ପ୍ରାୟ ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି। ରାଜ୍ୟ ସରକାର କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ଟଙ୍କା ଦେବାକୁ ଲକ୍ଷ୍ୟ ରଖିଥିବା ଜଣାଯାଇଛି। ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବା ନିମନ୍ତେ ଘୋଷଣା କରାଯାଇଥିବାରୁ ତା' ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଏହି ପର୍ଯ୍ୟାୟରେ କେତେ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଯିବ ତାହା ସ୍ପଷ୍ଟ ହୋଇ ପାରିନି।



ରାଜ୍ୟର ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଉଦ୍ଦେଶ୍ୟରେ 'ସୁଭଦ୍ରା'ର ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇ ସାରିଛନ୍ତି । ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ରାସନକାର୍ଡ (ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା) ଡାଟାବେସରେ ନିଶ୍ଚିତ ନାମ ଥିବାର ମାନଦଣ୍ଡକୁ ହଟାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସୁଭଦ୍ରା ଯୋଜନାରେ ମୋଟ ୧ କୋଟି ୨ ଲକ୍ଷ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି।

### ବାତ୍ୟା ଡ୍ୟୁଟିରେ ଖିଲାପ କରି ଫସିଗଲେ ରେଭିନ୍ୟୁ ସୁପରଭାଇଜର

**ଭୁବନେଶ୍ୱର, ୨୮।୧୦:** ବାତ୍ୟା 'ଦାନା' ଡ୍ୟୁଟିରେ ଖିଲାପ କରି ନିଲମ୍ବିତ ହୋଇଛନ୍ତି ଜଣେ ରେଭିନ୍ୟୁ ସୁପରଭାଇଜର। ତାଙ୍କ ନାଁ ବିକାଶ କୁମାର ଦାସ। ସେ ଭଦ୍ରକ ଜିଲ୍ଲା ତିହିଡ଼ି ତହସିଲରେ ଅବସ୍ଥାପିତ ହୋଇଥିଲେ। ବାତ୍ୟା 'ଦାନା' ଡ୍ୟୁଟି ସମୟରେ ମଦ୍ୟପାନ, ଦୁର୍ବ୍ୟବହାର ଓ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ପାଇଁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଭଦ୍ରକ ଜିଲ୍ଲାପାଳ। ନିଲମ୍ବନ ଅବଧି ସମୟରେ ତାଙ୍କୁ ଭଦ୍ରକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ୨୦୨୫ରେ ହେବ ଜନଗଣନା



**ନୂଆଦିଲ୍ଲୀ, ୨୮।୧୦:** ଆସନ୍ତା ବର୍ଷରୁ ଦେଶରେ ଆରମ୍ଭ ହୋଇପାରେ ଜନଗଣନା। ଦୀର୍ଘ ୪ ବର୍ଷ ପରେ ୨୦୨୫ରୁ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ତରଫରୁ ଜନଗଣନା କରାଯିବା ସମ୍ପର୍କରେ ଏଭଳି କିଛି ବଡ଼ ତଥ୍ୟ ସାମ୍ନାକୁ ଆସିଛି।

କରୋନା ମହାମାରୀ ହେତୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ତେବେ ଆସନ୍ତା ବର୍ଷ ୨୦୨୫ରୁ ଏହା ପୁଣି ଆରମ୍ଭ ହେବ। ୨୦୨୬ ପର୍ଯ୍ୟନ୍ତ ଏହି ଜନଗଣନା ଚାଲିବ ବୋଲି ମିଳିଥିବା ସୂତ୍ରରୁ ପ୍ରକାଶ ପାଇଛି।

**କେନ୍ଦ୍ରର ବଡ଼ ନିଷ୍ପତ୍ତି**

ସୂଚନା ମୁତାବକ, ବର୍ତ୍ତମାନ ଜନଗଣନା ଚକ୍ର ବଦଳିଯିବା ନେଇ ଆଶଙ୍କା ରହିଛି। ଅଦ୍ୟାବଧି ପ୍ରତି ଦଶ ବର୍ଷରେ ଜନଗଣନା କରାଯାଉଥିଲା। ଉଦାହରଣ ସ୍ୱରୂପ, ୧୯୯୧, ୨୦୦୧, ୨୦୧୧ ଇତ୍ୟାଦିରେ ଜନଗଣନା ହୋଇଥିଲା। ଏବେ ୨୦୨୫ରେ ଜନଗଣନା ହେଲେ ପରବର୍ତ୍ତୀ ଜନଗଣନା ପ୍ରତି ୧୦ ବର୍ଷରେ ଅର୍ଥାତ ୨୦୩୫, ୨୦୪୫ ଓ ୨୦୫୫- ଏହି କ୍ରମରେ ହେବ।

ଜନଗଣନା ଶେଷ ହେବା ପରେ ଲୋକସଭା ଆସନର ସୀମା ପୁନଃ ନିର୍ଦ୍ଧାରଣ ଆରମ୍ଭ ହେବ। ୨୦୨୮ ସୁଦ୍ଧା ନିର୍ବାଚନ ମଣ୍ଡଳି ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତ ହେବାର ସମ୍ଭାବନା ଅଛି। ବହୁ ବିରୋଧୀ ଦଳର ଜାତିଗତ ଜନଗଣନା ପାଇଁ ମଧ ଦାବି ରହିଛି, କିନ୍ତୁ ସରକାର ଏ ବାବଦରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହାନ୍ତି। ଜନଗଣନା ପ୍ରକ୍ରିୟାର ବିବରଣୀ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ। ଜନଗଣନାରେ ସାଧାରଣତଃ ଧର୍ମ ଏବଂ ଶ୍ରେଣୀ ପଚରାଯାଏ। ସାଧାରଣ, ଅନୁସୂଚିତ ଜାତି ଏବଂ ଜନଜାତି ଗଣନା କରାଯାଏ।

ପରବର୍ତ୍ତୀ ଜନଗଣନା ରାଉଣ୍ଡରେ ସାଧାରଣ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଗଣନା ତଥା ଧର୍ମ ଏବଂ ସାମାଜିକ ଶ୍ରେଣୀ ଉପରେ ସର୍ଭେ ଅନ୍ତର୍ଭୁକ୍ତ ହେବ ବୋଲି ଆଶା କରାଯାଉଛି। ତଥାପି, ସୂତ୍ରରୁ ଜଣାପଡିଛି ଯେ ଆସନ୍ତା ବର୍ଷର ଜନଗଣନା ସାଧାରଣ ଏବଂ ଏସସି-ଏସଟି ବର୍ଗ ମଧ୍ୟରେ ଉପ-ସମ୍ପ୍ରଦାୟକୁ ନେଇ ମଧ ସର୍ଭେ ହୋଇପାରେ। ଉଦାହରଣ ସ୍ୱରୂପ, କର୍ଣ୍ଣାଟକରେ ସାଧାରଣ ବର୍ଗର ଲିଙ୍ଗାୟତମାନେ ନିଜକୁ ଏକ ପୃଥକ୍ ସମ୍ପ୍ରଦାୟ ଭାବରେ ବିବେଚନା କରନ୍ତି। ସେହିଭଳି, ଅନୁସୂଚିତ ଜାତି ମଧ୍ୟରେ ବାଲ୍ମିକୀ, ରବି ଦାସୀ ଭଳି ଭିନ୍ନ ସମ୍ପ୍ରଦାୟ ରହିଛି। ଏହାର ଅର୍ଥ ହେଉଛି ଧର୍ମ, ଶ୍ରେଣୀ ତଥା ସମ୍ପ୍ରଦାୟ ଆଧାରରେ ଜନଗଣନା ଦାବି ଉପରେ ସରକାର ବିଚାର କରୁଛନ୍ତି।

## ମଠ ମନ୍ଦିର ପାଇଁ 'ଦେବାଳୟ ଯୋଜନା' ଖୁବଶୀଘ୍ର : ଆଇନ ମନ୍ତ୍ରୀ

*ସାଂସ୍କୃତିକ ଓ ଧାର୍ମିକ ଗୁରୁତ୍ୱ ବହନ କରୁଥିବା ମଠ-ମନ୍ଦିରର ସାମଗ୍ରିକ ବିକାଶ ଓ ସୁରକ୍ଷା ଦିଗରେ ଏହି ଯୋଜନା କାର୍ଯ୍ୟ କରିବ*

**ଭୁବନେଶ୍ୱର, ୨୮।୧୦:** ରାଜ୍ୟରେ ମଠ-ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ, ସୁରକ୍ଷା ଓ ପରିଚାଳନା ପାଇଁ ଖୁବଶୀଘ୍ର ମୋହନ ମାଝୀଙ୍କ ସରକାର ଏକ ନୂଆ ଯୋଜନା ଆଣିବେ । ଏହି ଯୋଜନାର ନାଁ 'ଦେବାଳୟ ଯୋଜନା' ରଖାଯାଇଛି । ସାଂସ୍କୃତିକ ଓ ଧାର୍ମିକ ଗୁରୁତ୍ୱ ବହନ କରୁଥିବା ମଠ-ମନ୍ଦିରର ସାମଗ୍ରିକ ବିକାଶ ଓ ସୁରକ୍ଷା ଦିଗରେ ଏହି ଯୋଜନା କାର୍ଯ୍ୟ କରିବ ।

ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ଥିବା ମଠମନ୍ଦିର ଗୁଡ଼ିକର ସୁରକ୍ଷା, ରକ୍ଷଣାବେକ୍ଷଣ ଓ ପରିଚାଳନା ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଏକ ନୂଆ ଯୋଜନା ଆଣିବାକୁ ଯାଉଛନ୍ତି । ମନ୍ଦିର ଓ ମଠର ପରିଚାଳନା ଦୃଷ୍ଟିକୋଣରୁ ଯେଉଁସବୁ ସମସ୍ୟା ଓ ସହାୟତା କଥା ଆସୁଛି ସେଦିଗରେ ଗଭୀର ଭାବେ ଚିନ୍ତା କରାଯାଉଛି । ଯେଉଁସବୁ ଦିଗ ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଛି ତାକୁ ଗୁରୁତ୍ୱ ଦିଆଯିବ । ମଠ-ମନ୍ଦିରଗୁଡ଼ିକୁ ଯେଉଳି ଧାର୍ମିକ କ୍ଷେତ୍ରରେ ଅଧିକ ସମ୍ମାନ ଦିଆଯାଇପାରିବ ସେନେଇ ଚର୍ଚ୍ଚା-ଆଲୋଚନା ଜାରି ରହିଛି । ସରକାର ଏବେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି ।



ପୂର୍ବ ସରକାରରେ ଅବଢ଼ା ଯୋଜନାରେ କେବଳ ମରାମତି କଥା ରହିଥିଲା । କିନ୍ତୁ ଏହି ନୂଆ ଯୋଜନାରେ ଅନେକ କଥା ରହିଛି । ନୂଆ ଯୋଜନାରେ ପ୍ରାଥମିକ ଭାବେ ମରାମତି, ରକ୍ଷଣାବେକ୍ଷଣ, ପରିଚାଳନା ଓ ଅନ୍ୟାନ୍ୟ ସମସ୍ୟା କଥା ରହିଛି । ଯାହାର ସମାଧାନ କରାଯିବ । ନିର୍ଦ୍ଦିଷ୍ଟ ରୂପରେଖ ଖୁବଶୀଘ୍ର ସ୍ପଷ୍ଟ ହେବ । ଓଡ଼ିଶାର ସଂସ୍କୃତି ଯେଉଁ ମଠମନ୍ଦିର ସହ ଜଡ଼ିତ ଅଛି ସେଗୁଡ଼ିକର ସୁରକ୍ଷା ଆମ ପ୍ରାଥମିକତା । ସେଥିପାଇଁ ଯାହା ଯାଆ ଆବଶ୍ୟକ ସରକାର ନିଶ୍ଚିତ ଭାବେ ସେକଥାକୁ ପ୍ରାଥମିକତା ଦେଇ କରିବେ । ମଠମନ୍ଦିରର ସୁରକ୍ଷା, ପରିଚାଳନା ଓ ମରାମତି ଦୃଷ୍ଟିରୁ ଯେଉଁସବୁ ସମସ୍ୟା ଥିଲା ତାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

# ବାତ୍ୟା 'ଦାନା' ସମ୍ବନ୍ଧୀୟ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ

ବାଲେଶ୍ୱର (ମାନିସ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଲେଶ୍ୱର ବାତ୍ୟା ପ୍ରଭାବିତ ଅଞ୍ଚଳ ଆକାଶ ମାର୍ଗରୁ ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡିଶା ସରକାର ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଆଜି ବାଲେଶ୍ୱରସ୍ଥିତ ଡିଆରଡିଓ ସମ୍ମିଳନୀ କକ୍ଷଠାରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ବାତ୍ୟା 'ଦାନା' ଏବଂ ତତଜନିତ ବନ୍ୟା କ୍ଷୟକ୍ଷତିର ଆକଳନ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକ ପ୍ରାରମ୍ଭରେ ଉପସ୍ଥିତ ଥିବା ସମସ୍ତ ବିଧାୟକ ବୃନ୍ଦ ନିଜ ନିଜ ନିର୍ବାଚନୀ ମଣ୍ଡଳୀରେ ବାତ୍ୟା ଓ ବନ୍ୟା ସମ୍ବନ୍ଧୀୟ ପୁନରୁଦ୍ଧାର ଓ ଜାରି ରହିଥିବା କାର୍ଯ୍ୟକଳାପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାତ୍ୟାର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଏବଂ ରାଜନୈତିକ ନେତୃତ୍ୱର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥି ସହିତ ପ୍ରଶାସନ ଏବଂ ରାଜନୈତିକ ନେତୃତ୍ୱର ମିଳିତ ଆଭିମୁଖ୍ୟ ସହିତ ବାରମ୍ବାର ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ଓ ଆଗାମୀ ଦିନରେ ଉପକୂଳବର୍ତ୍ତୀ ଅଞ୍ଚଳରେ ବାତ୍ୟା କ୍ଷୟକ୍ଷତିକୁ ରୋକିବା ପାଇଁ ବ୍ୟାପକ ହେନ୍ତାଳ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମାଝୀ କହିଥିଲେ। ପ୍ରାକୃତିକ ଏବଂ ମାନବୀୟ ବିପର୍ଯ୍ୟୟର ମୁକାବିଲା ପାଇଁ ଉପସ୍ଥିତ ସମସ୍ତଙ୍କୁ ସର୍ବଦା ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ । ଘର ଭଙ୍ଗା କ୍ଷୟକ୍ଷତି ରିପୋର୍ଟ ଯଥାଶୀଘ୍ର ଦାଖଲ କରିବା




ପାଇଁ ନିର୍ଦ୍ଦେଶ ଦେବା ସହିତ ଯେଉଁ ଅଞ୍ଚଳରେ ବିଜୁଳି ସଂଯୋଗ ହୋଇପାରୁନାହିଁ, ସେଠାରେ ଦ୍ରୁତ ଗତିରେ ବିଜୁଳି ସଂଯୋଗ ସୁନିଶ୍ଚିତ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ହୋଇଥିବାରୁ ପ୍ରଭାବିତ ଲୋକଙ୍କ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପଦକ୍ଷେପ ଅତ୍ୟନ୍ତ ସତର୍କତାର ସହ ନିଆଯିବା ଆବଶ୍ୟକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା ପାଇଁ ସହଯୋଗ ମୂଳକ ପଦକ୍ଷେପ ନେବା ଲାଗି ପ୍ରତିବଦ୍ଧତା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବିପଦ ସମୟରେ ମହିଳାଙ୍କ ବିରୋଧରେ କୌଣସି ପ୍ରକାର ହିଂସା ପାଇଁ ଜିରୋ ଟଲେରାନ୍ସ ନୀତିକୁ ଆପଣେଇବା ପାଇଁ ଶ୍ରୀ ପୂଜାରୀ ଉପସ୍ଥିତ ପ୍ରଶାସନିକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ସରକାର ବହୁପାକ୍ଷିକ ସାମୁଦାୟିକ ରିଲିଫ୍ କେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ନେତା, ପିଆରଆଇ ସଦସ୍ୟଙ୍କ ମିଳିତ ଉଦ୍ୟମକୁ ମାନ୍ୟବର ସାଂସଦ ପ୍ରଶଂସା କରିଥିଲେ। ସମସ୍ତ ବନ୍ୟା ପ୍ରଭାବିତଙ୍କୁ ଯଥାଶୀଘ୍ର ପଲିଥିନ ଯୋଗାଇ ଦେବା ପାଇଁ ମାନ୍ୟବର ସାଂସଦ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ, ସିମୁଳିଆ ପଦ୍ମଲୋଚନ ପଣ୍ଡା, ବିଧାୟକ, ବାଲେଶ୍ୱର ସଦର ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ସନ୍ତୋଷ ଖଟୁଆ, ବିଧାୟିକା ବସ୍ତା ସୁବାସିନୀ ଜେନା, ବିଧାୟକ ସୋର ମାଧବ ଧଡ଼ା, ବିଧାୟକ ଭୋଗରାଇ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ। ଏଥିସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଆରକ୍ଷୀ ମହା ନିର୍ଦ୍ଦେଶକ ୱାଇ.ବି.ଖୁରାନିଆ,ଉପ-ମହାନିରୀକ୍ଷକ (ପୂର୍ବାଞ୍ଚଳ ଜୋନ) ଡ଼. ସତ୍ୟଜିତ ନାୟକ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ପିଏକ୍ୱଇ ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ବିକାଶ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିରେ ବୁଡ଼ି ନିଖୋଜ ଛାତ୍ରର ଶବ ଉଦ୍ଧାର



ଧାମନଗର (ମାନିସ) : ଧାମନଗର ବ୍ଲକ ଅନ୍ତର୍ଗତ ଧୃଷୁରୀ ପଞ୍ଚାୟତ ପଣ୍ଡାପାଟଣା ଗ୍ରାମର ଜଣେ ଛାତ୍ର ଗାଧୋଇବାକୁ ଯାଇ ଗେଙ୍ଗୁଟି ନଦୀ ଶାଖା କଣ୍ଡିଆ ନାଳରେ ରବିବାର ଦିନ ନିଖୋଜ ହୋଇ ଯାଇଥିବା ବେଳେ ଆଜି ତାର ମୃତ ଦେହ ପାଣିରେ ବୁଡ଼ି ରହିଥିବା ନିକଟସ୍ତ ଏକ ବୁଦା ତଳୁ ଜବତ ହୋଇଛି । ନିଖୋଜ ଛାତ୍ର ଜଣକ ହେଉଛନ୍ତି ପ୍ରଦୀପ ପଣ୍ଡାଙ୍କ ପୁତ୍ର ରୁଦ୍ର ନାରାୟଣ ପଣ୍ଡା (୧୯) । ରୁଦ୍ର ରବିବାର ପୂର୍ବାହ୍ନ ୧୧ ଘଟିକାରେ ଗାଁ ନିକଟ କଣ୍ଡିଆ ନାଳ ଡକାସାହି କଲଭର୍ଟ ନିକଟକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ସେ ନାଳ ପାଣିରେ ବୁଡି ଯାଇଥିଲେ। ସୂଚନା ପାଇ ବାତ୍ୟା ଓ ବନ୍ୟା ପାଇଁ ଧୃଷୁରୀ ଠାରେ ନିୟୋଜିତ ଥିବା ଅଗ୍ନିଶମ ବାହିନୀ ସମେତ ଧାମନଗରରୁ ଅଗ୍ନିଶମ ବାହିନୀ ଆସି ଖୋଜାଖୋଜି ଜାରି ରଖିଥିଲେ ହେଁ ରାତି ଯାଏ କୌଣସି ସୁରାକ ପାଇନଥିଲେ । ଆଜି ପୂର୍ବାହ୍ନରେ ସ୍ଥାନୀୟ ଯୁବକ ଓ ଦମକଳ ବାହିନୀ ମୃତ ଯୁବକର ଶବକୁ ଜବତ କରିଥିଲେ । ରୁଦ୍ରର ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଧୃସୁରି ପୁଲିସ୍ ଶବକୁ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ନିମନ୍ତେ ଭଦ୍ରକ ପଠାଇଛି । ଖବରପାଇ ଧାମନଗର ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ, ବିଜୁ ଯୁବ ଜନତା ଦଳର ସଭାପତି ଭାରତ ବିଜୟ ଦଳାଇ, ଧୃସୁରି ସମବାୟ ସମିତିର ସଭାପତି ସନ୍ଦୀପ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଶୋକ ପ୍ରକଟ କରିଛନ୍ତି ।

## ସିନାପାଲିରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ନୂଆପଡା (ମାନିସ) : ଆଜି ସିନାପଲି ବ୍ଲକ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ନୂଆପଡାର ସମସ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସାମିଲ ହୋଇଥିଲେ। ଉକ୍ତ ଶିବିରରେ ସିନାପଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତ ତଥା ଗ୍ରାମ ଗୁଡିକରୁ ୮୬ ଗୋଟି ବିଭିର୍ନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା । ଏଥିରୁ ୬୮ଗୋଟି ବ୍ୟକ୍ତିଗତ ଥିବାବେଳେ ୧୮ଟି ସାମୁହିକ ଅଭିଯୋଗ ଥିଲା । ଜଣକୁ ରେଡକ୍ରସ ପାଣ୍ଠିରୁ ୨୦୦୦ଟଙ୍କା ତତ୍କାଳିନ ସହାୟତା ଜିଲ୍ଲାପାଳ ଯୋଗାଇଦେଲେ । ଉକ୍ତ ଶିବିରରେ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ଲାକ୍ରା,ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ, ତହସିଲଦାର ପ୍ରମୁଖଙ୍କ ସମେତ ଜିଲ୍ଲା ତଥା ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଓରମାସ ଦୀପାବଳି ଷ୍ଟଲ ଉଦଘାଟିତ



ରାୟଗଡ଼ (ମାନିସ) : ରାୟଗଡ ଜିଲ୍ଲା ସଦର ମହକୁମା ସ୍ଥିତ ସ୍ଥାନୀୟ ବସ ଷ୍ଟାଣ୍ଡ ନିକଟସ୍ଥ ଜନଜାତି ସେବଜଗତ ପରିସରରେ ଦୀପାବଳି ଉତ୍କଳ ଷ୍ଟଲ ଉଦଘାଟିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ରାୟଗଡ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରାୟାଗଡା,ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦେବୀ,ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲକସମ୍ପର୍କ ଅଧିକାରୀ, ବସନ୍ତ କୁମାର ପ୍ରଧାନ, ଡିପିଏମ୍ଓଏଲ୍ଏମ୍,ହେମନ୍ତ କୁମାର ବାଗ,ଡିସିଇଓ ଓରମାସ୍ ମନୋଜ କୁମାର ପକ୍ଷତ୍ର ଏବଂ ଓରମାସର ବରିଷ୍ଠ ଲେଖାପାଳ ଜି. ଲକ୍ଷ୍ମଣ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଷ୍ଟାଲରେ ବିଭିନ୍ନ ପ୍ରକାରର ଦୀପ , ଟେରାକୋଟା ଆଇଟମ୍, ପାହାଡରୁମ୍, ଗେଣ୍ଡୁ ଫୁଲ, ରାଗି ମିଠା, ନିୟମଗିରି କଦଳୀ, ପ୍ରତିମା, ଟୋଲୋ ତେଲ, ଡୋକ୍ରା ଇତ୍ୟାଦି ବିକ୍ରୟ ଓ ପ୍ରଦର୍ଶନ ମଣ୍ଡପରେ ପ୍ରଦର୍ଶିତ ହେଉଛି କ୍ଷ ସ୍ଥାନୀୟ କାରିଗର ଓ ହସ୍ତ ଶିଳ୍ପୀଙ୍କୁ ଉତ୍ସାହିତ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟ କ୍ରୟ କରିବାକୁ ଓରମାସ ତରଫରୁ ଅନୁରୋଧ କରାଯାଉଛି ।

# ଅଜଣା ଗାଡି ଧକ୍କାରେ ମହିଳା ମୃତ; କ୍ଷତି ପୂରଣ ପାଇଁ ରାସ୍ତାରୋକ

ବଡଚଣା (ମାନିସ) : କଟକ ଜିଲ୍ଲା ମାହାଙ୍ଗା ଥାନା ଘଣ୍ଟ ୫୩ ପାରାଦୀପ ଦଇତାରୀ ଜାତୀୟ ରାଜପଥରେ କୌଡକୋଲ ନିକଟରେ ଅଜଣା ଗାଡି ଧକା ଦେବା ଫଳରେ ସ୍କୁଟି ଆରୋହୀ ଙ୍କ ମୃତ୍ୟୁ । ମୃତ ମହିଳା ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅଧୀନ କୃଷ୍ଣଦାସପୁର ଗ୍ରାମର ମଧୁସ୍ମିତି ମହାନ୍ତି। ଘରୁ ନିଜ ସ୍କୁଟି ରେ ତେଲ ପକାଇବା ପାଇଁ କୌଡକୋଲ ଛକ ନିକଟ ପେଟ୍ରୋଲ ପମ୍ପ କୁ ଯାଉଥିବା ବେଳେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଏହି ମୃତ୍ୟୁ ପାଇଁ ସ୍ଥାନୀୟ ଲୋକେ ଏହି ରାସ୍ତା ର ସମ୍ପ୍ରସାରଣ ହେଉଥିବା ଠିକା ସଂସ୍ଥା ଗାଡ଼ି ଚଢାଇ ଦେଇଥିବା ଅଭିଯୋଗ କରିବା ସହ କ୍ଷତି ପୂରଣ ଦାବିରେ ରାସ୍ତା ରୋକ କରିଛନ୍ତି। ଯାହାଫଳର ରାସ୍ତା ର ଉଭୟ ପାର୍ଶ୍ୱ ରେ ଉଭୟ ପାର୍ଶ୍ୱ ରେ ଅଟକି ରହିଛି ଶହ ଶହ ଗାଡି ମଟର। ମାହାଙ୍ଗା ପୋଲିସର ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଜାରିରଖିଛି।

## ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ

# ନିଯୁକ୍ତ ହେଲେ ଭୂ-ଅର୍ଜନ ଅଧିକାରୀ ଭଳାନାଥ ମାଝୀ



ରାୟଗଡ଼ (ମାନିସ) : ରାୟଗଡ ଜିଲ୍ଲା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ଅଧିକାରୀ ଭଳାନାଥ ମାଝିଙ୍କୁ ଗୁଣପୁର ଥେରୁବାଲି ରେଳ ପ୍ରକଳ୍ପ ନିମନ୍ତେ ଭୁ ଅର୍ଜନ ଅଧିକାରୀ ରୂପେ ଅବସ୍ଥାପିତ କରାଯାଇଛି। ସମ୍ପ୍ରତି ଶ୍ରୀ ମାଝି ରାୟଗଡା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ରୁପେ କାର୍ଯ୍ୟ କରୁଛନ୍ତି। ଏହି ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ରେଳବାଇ ବିଭାଗ ପକ୍ଷରୁ ଚିଠି ନମ୍ବର ୪୧୮୯ ତାରିଖ ୧୭/୧୦/୨୦୨୪ରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ମାଝିଙ୍କୁ ଗୁଣପୁର ଥେରୁବାଲି ରେଳ ପ୍ରକଳ୍ପର ଭୁ ଅର୍ଜନ ଅଧିକାରୀ ରୂପେ ନିଯୁକ୍ତି ଦେବା ନିମନ୍ତେ ଗତ ସେପ୍ଟେମ୍ବର ୧୦ ତାରିଖରେ ରାୟଗଡା ଜିଲ୍ଲାପାଳ ପାରୁଲ ପାଟୱାରି ସୁପାରିଶ କରିଥିଲେ। ନୂଆରେ ଦାୟିତ୍ୱ ମିଳିଥିବା ଭୁ ଅର୍ଜନ ଅଧିକାରୀ ଶ୍ରୀ ମାଝି ଅନୁମୋଦନ ହୋଇଥିବା ଗୁଣପୁର ଥେରୁବାଲି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ କରିବେ। ଏହି ପ୍ରକଳ୍ପ ପାଇଁ କେତେ ପରିମାଣରେ ସରକାରୀ ଓ ଘରୋଇ ଜମି ଅଧିଗ୍ରହଣ କରାଯିବ ପୂର୍ବରୁ ସର୍ଭେ ଶେଷ ହୋଇଛି। ତେବେ ଭୁ ଅର୍ଜନ ଅଧିକାରୀଙ୍କ ଅସ୍ଥାୟୀ କାର୍ଯ୍ୟଳୟ କୋଉଠି କାର୍ଯ୍ୟ କରିବ ସେ ଉପରେ କିଛି ସ୍ପଷ୍ଟ କରା ଯାଇନାହି। ସୂଚନାଯୋଗ୍ୟ ଗତ ଅଗଷ୍ଟ ମାସରେ କେନ୍ଦ୍ରୀୟ କ୍ୟାବିନେଟ ଗୁଣପୁର ଥେରୁବାଲି ରେଳ ପ୍ରକଳ୍ପ ନିମନ୍ତେ ମଞ୍ଜୁରୀ ଦେଇଥିଲା।



ଶେଷ ସ୍ୱର୍ଶ ଅପେକ୍ଷାରେ ମା'କାଳୀଙ୍କ ପ୍ରତିମୂର୍ତ୍ତି (ଫଟୋ : ମାତୃଭାଷା)

# ଓପିଲିପି କାର୍ଯ୍ୟକ୍ରମକୁ ପୁନଃ ଚାଲୁ କରିବା ପାଇଁ ଡଙ୍ଗରିଆ କନ୍ଧ ଜନଜାତିଙ୍କ ଜିଲ୍ଲାପାଳଙ୍କୁ ନିବେଦନ

ରାୟଗଡା (ମାନିସ) : ରାୟଗଡ ଜିଲ୍ଲାରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ କୁ ପୁନଃ ଚାଲୁ କରିବା ପାଇଁ ଜିଲ୍ଲିାର ଷମକଟକ ବ୍ଲକ ଠାରେ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କୁ ଭେଟି ଡଙ୍ଗରିଆ କନ୍ଧ ଜନଜାତି ଙ୍କ ଏକ ପ୍ରତିନିଧି ଦଳ ଲିଖିତ ନିବେଦନ କରିଛନ୍ତି। ଡଙ୍ଗରିଆ କନ୍ଧ ଜନଜାତି ଙ୍କ କହିବା ମୁତାବକ ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ପରେ ମଧ ଆମ୍ଭେ ଆମ୍ଭର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଛୁ। ପୂର୍ବପେକ୍ଷା ଆମ୍ଭମାନଙ୍କର ଚାଲି ଚଳଣୀ ଜୀବନ ଜୀବିକା , ଶିକ୍ଷା, ଗମନାଗମନ ଇତ୍ୟାଦିରେ ବ୍ୟାପକ ପରିବର୍ତ୍ତନ ଆସିଛି ।ସେଥିପାଇଁ ସରକାର ଏବଂ ଜିଲ୍ଲା ପ୍ରଶାସନ କୁ ବିଶେଷଭାବେ ଆମ୍ଭ ଡଙ୍ଗରିଆକନ୍ଧ ସମାଜ ତରଫରୁ ଧନ୍ୟବାଦ ଜ୍ଞାପନ କରୁଛୁକି , କାରଣ ଗତ ୨୦୧୭-୧୮ମସିହାରୁ ଆରମ୍ଭକରାଯାଇଥିବା ଓପିଏଲିପି କାର୍ଯ୍ୟକ୍ରମ ମାଧମରେ ଆମ୍ଭମାନଙ୍କର ଅଧିକାଂଶ ଗ୍ରାମକୁ ରାସ୍ତା ସଂଯୋଗୀକରଣ , ପାନୀୟ ଜଳର ସୁବିଧା ,ସବୁ ଗ୍ରାମରେ ବହୁମୁଖି ଗୋଷ୍ଠୀ କେନ୍ଦ୍ର , ଧାନଖୋଳା ,ଶିଶୁ ଗୃହ , ଜୀବିକା



ଉନ୍ନତିକରଣ କାର୍ଯ୍ୟକ୍ରମ ତଥା କୃଷି ଉଦ୍ୟାନ ଭିତ୍ତିକ କୃଷି ପାଇଁ ବିଭିନ୍ନ ପ୍ରକାର ଚାରା ଓ ବିହନ ଯୋଗାଣ, ପଶୁ ପାଳନ ଆୟ ଉପାର୍ଜନ ପନ୍ଥା ବ୍ୟକ୍ତିଗତ ସହାୟତା, ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାପାଇଁ ସହାୟତା, ସମସ୍ତଙ୍କୁ ମାଗଣା ଚକ୍ଷୁ ଚିକିତ୍ସା,କରନା ମହାମାରୀ ସମୟରେ ଆର୍ଥିକ ସହାୟତା , କପଡ଼ା ଗନ୍ଦାର ଜିଆଇ ଟ୍ୟାଗ ଏବଂ ସମସ୍ତଙ୍କୁ ପକ୍କାଘର ପାଇବାରେ ସହଯୋଗ,ପିକ୍ଅପ୍ ଭ୍ୟାନ୍, ଟ୍ରାକ୍ଟର, ଶୀତଳଭଣ୍ଡାର ଆଦି ସହାୟତାପ୍ରଦାନ କରିଛନ୍ତି ଓ ସ୍ୱାଧୀନତାର ଦୀର୍ଘ ୭୦ ବର୍ଷ ମଧ୍ୟରେ ଯେତିକି ଉନ୍ନତି ହୋଇନଥିଲା ତାହା ଗତ ୭ ବର୍ଷ ମଧ ରେ ବହୁତ ଉନ୍ନତିମୂଳକ କାର୍ଯ୍ୟଆମ୍ଭ ଅଞ୍ଚଳରେ ହୋଇଛି ଓ ସେଥିପାଇଁ ଆମ୍ଭ ଡଙ୍ଗରିଆ କନ୍ଧ ସମାଜ ବହୁତ ଖୁସି ବ୍ୟକ୍ତ କରୁଛି । ଓପିଏଲିପି କାର୍ଯ୍ୟକ୍ରମ ମାଧ୍ୟମରେ ଗତ ୭ବର୍ଷ ମଧ୍ୟରେ ଆମ୍ଭେ ମାନେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ସଶକ୍ତିକରଣ ହୋଇପାରିଛୁ। ବିଶେଷ ଭାବେ ଉକ୍ତ କାର୍ଯ୍ୟକ୍ରମ ପ୍ରତି ଗ୍ରାମର ଗ୍ରାମ୍ୟ ଉନ୍ନୟନ କମିଟି ମାଧ୍ୟମ ରେ ସମ୍ପାଦନା କରାଯାଇଥିବା ଯୋଗୁଁ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଆସିପାରିଛି। କିନ୍ତୁ ଦୁର୍ଭଗ୍ୟବଶତଃ ଗତ ସେପଟ୍ଟେମ୍ବର ୨୦୨୪ ରୁ ଓପିଏଲିପି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ବନ୍ଦ ହେବା ଦ୍ୱାରା ଆମର ଯେଉଁ ଭଳି ବିକାଶର ଅଗ୍ରଗତି ବଢିଚାଲିଥିଲା ତାହା କମିଯିବାର ସମ୍ଭାବନା ଅଧିକା। ଏଣୁ ସରକାର ଙ୍କ ନିକଟରେ ଆମ୍ଭେ ଡ଼ଙ୍ଗରିଆ କନ୍ଧ ସମାଜ ତରଫରୁ ବିନମ୍ର ନିବେଦନ କରୁକି ଆମ୍ଭ ମାନଙ୍କର ସାମୂହିକ ବିକାଶ ପାଇଁ ଓପିଏଲିପି କାର୍ଯ୍ୟକ୍ରମ କୁ ବର୍ଷ ବର୍ଷ ପାଇଁ ପୁନଃ ଚାଲୁ କଲେ ଆମ୍ଭେମାନେ ମଧ ବିକଶିତ ଓଡ଼ିଶାର ଭାଗିଦାରୀ ହୋଇପାରିବୁ ବୋଲି ନିରଞ୍ଜନ ୱାଡ଼କା, ଲହରୀ କୁଣ୍ଡିକା, ଗୋବର୍ଦ୍ଧନ ୱାଡ଼କା ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

# ବାଲିଚନ୍ଦ୍ରପୁର ମାଆ ଗଜଲକ୍ଷ୍ମୀ ଭସାଣୀ ଉତ୍ସବ ଅନୁଷ୍ଠିତ

ବଡଚଣା (ମାନିସ) : କୁମାର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ଏଗାର ଦିନ ଧରି ଚାଲିଥିବା ମାଆ ଗଜଲକ୍ଷ୍ମୀ ଙ୍କ ପୂଜା ଗତକାଲି ମହା ସମାରୋହରେ ସମାହିତ ହୋଇଯାଇଛି। ଗତ ଦାନା ବାତ୍ୟା ପାଇଁ ପ୍ରଶାସନ ପକ୍ଷରୁ କେତେକ ମେଢ ଓ ତୋରଣ ବାତ୍ୟା ପୂର୍ବରୁ ବିସର୍ଜନ ଓ ତୋରଣ ଖୋଲି ଦିଆଯାଇଥିଲା। ବାଲିଚନ୍ଦ୍ରପୁର ବଜାର ଓ ଆଖପାଖ ଅଞ୍ଚଳରେ ପୂଜା ପାଇଥିବା କୋଡିଏ ଗୋଟି ମୃଣ୍ମୟୀ ପ୍ରତିମା ଗୁଡିକ ମଧ୍ୟରୁ ବାକି ରହିଯାଇଥିବା ଦଶଗୋଟି ପୂଜା ମଣ୍ଡପର ଭସାଣୀ ଉତ୍ସବ ଗତକାଲି ସନ୍ଧ୍ୟା ରୁ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶୋଭାଯାତ୍ରା ରେ ପରିକ୍ରମା କରି ପଚାମୁଣ୍ଡାଇ କେନାଲ ରେ ବିସର୍ଜନ କରାଯାଇଥିଲା। ଏହି ଉତ୍ସବ ରେ ବଜାର ର ପଣ୍ଡା ପରିବା ମାର୍କେଟ, ମା ମଲ୍ୟାବୁଢୀ ପୂଜା କମିଟି, ମଙ୍ଗଳା ବଜାର ପୂଜା କମିଟି, ମୁଖ୍ୟ ଗଜଲକ୍ଷ୍ମୀ ପୂଜା କମିଟି, ଶ୍ୟାମସୁନ୍ଦର ବଜାର ପୂଜା କମିଟି, ସରସ୍ୱତୀ ବଜାର ପୂଜା କମିଟି, କୁଆଁପାଳ ରୋଡ ହରି ଗୋସେଇଁ ପୂଜା କମିଟି ର ମେଢ ଗୁଡିକ ଶୋଭାଯାତ୍ରା ରେ ଅଂଶଗ୍ରହଣ କରିଥିଲେ। ଏହି ଭସାଣୀ ଉତ୍ସବ ରେ ବିଭିନ୍ନ ରକମର ବାଜା, ନୃତ୍ୟାଭିନୟ , ଅଘୋରି ବାବା ଓ ଶିବ ତାଣ୍ଡବ ପ୍ରଭୃତି ସ୍ଥାନ ପାଇଥିଲା। ହଜାର ହଜାର ସଂଖ୍ୟାରେ ଦର୍ଶକ ଏହି ଭସାଣୀ ଉତ୍ସବ ରେ ସାମିଲ ହୋଇଥିଲେ। ଅଘୋରି ବାବା ଶିବ ତାଣ୍ଡବ ନୃତ୍ୟାଭିନୟ ମୁଖ୍ୟ ଆକର୍ଷଣ ପାଲଟି ଥିଲା।

# ତାଳଚେର ପୌର ପରିଷଦରେ ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ତାଳଚେର (ମାନିସ) : ପୁରାତନ ପୌର ପରିଷଦ ତାଳଚେରରେ ଆଜି ନୂତନ ନିର୍ବାହୀ ଅଧିକାରୀ ଭାବେ ତେଜସ୍ୱିନୀ ବେହେରା (ଭାରତୀୟ ପ୍ରଶାସନିକ ସେବା) ଯୋଗଦାନ କରିଛନ୍ତି । ସରକାରଙ୍କ ନିର୍ଦେଶ କ୍ରମେ ଆଜି ସୋମବାର ପ୍ରଥମେ ସୁଶ୍ରୀ ବେହେରା ତାଳଚେର ପୌର ପରିଷଦ କାର୍ଯ୍ୟାଳୟ ଠାରେ ପହଂଚି ନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ସୁଶ୍ରୀ ବେହେରାଙ୍କ ଏହି ନୂତନ ନିଯୁକ୍ତି ଓ ତାଲିମ ସମୟର ନୂତନ ଯୋଗଦାନକୁ ପୌର ପରିଷଦର ନଗରପାଳ ପବିତ୍ର ଭୁଟିଆ ତାଳଚେର ପୌରାଂଚଳ ବାସୀଙ୍କ ପକ୍ଷରୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ତାଙ୍କ ସହିତ କାଉନସିଲରଗଣ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ତାଳଚେର ପୌରଞ୍ଚଳରେ ଜାରି ବିଭିନ୍ନ କାର୍ଯ୍ୟକ୍ରମ ଓ ତାଳଚେରର ପୁରାତନ କୀର୍ତିରାଜି ଫାଷ୍ଟ ଗେଟ୍‌ର ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ନଗରପାଳ ଶ୍ରୀ ଭୁଟିଆ ଅବଗତ କରାଇଥିଲେ । ନୂତନ ଅଧିକାରୀଙ୍କ ରହଣି ସମୟରେ ଆଗକୁ ତାଳଚେର ସହରକୁ କିପରି ଆବର୍ଜନାମୁକ୍ତ କରାଯାଇ ଅଧିକ ବିକାଶ କରାଯିବ ସେ ସମ୍ପର୍କରେ ବସି ଆଲୋଚନା କରିବା ପାଇଁ ନୂତନ ଅଧିକାରୀ ସୁଶ୍ରୀ ବେହେରା ମଧ ପ୍ରକାଶ କରିଥିଲେ ।

## ସମ୍ବଲପୁର ମଣ୍ଡଳର ରେଳ କର୍ମଚାରୀଙ୍କ ଦ୍ୱାରା ସର୍ବଦା ସତର୍କତା ସଚେତନତା ସପ୍ତାହରେ ଶପଥ ଗ୍ରହଣ



ସମ୍ବଲପୁର : ସତର୍କତା ସଚେତନତା ସପ୍ତାହରେ ରେଳ ବିଭାଗ ସବୁ ଦିଗରେ ପାରଦର୍ଶିତା ଏବଂ ସମନ୍ୱୟ ସ୍ଥାପିତ କରିବା ଉଦ୍ଦେଶ୍ୟରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ତୁଷାରକାନ୍ତ ପାଣ୍ଡେଙ୍କ ଦ୍ୱାରା ସମସ୍ତ ଅଧିକାରୀ ଓ କର୍ମଚାରୀ ୨୮ ଅକ୍ଟୋବର ୨୦୨୪ରେ ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପରିସରର ପ୍ରଗତିଧାରା ଠାରେ "ସତର୍କ ସତ୍ୟ ନିଷ୍ଠା ଶପଥ" ନେଇଥିଲେ। ସତର୍କତା ସଚେତନତା ସପ୍ତାହ ୨୮ ଅକ୍ଟୋବରରୁ ୩ ନଭେମ୍ବର ୨୦୨୪ ମଧ୍ୟରେ ପାଳନ କରାଯାଉଅଛି ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବୀମା ପ୍ରିମିୟମ ବୃଦ୍ଧି ଓ ଏଜେଣ୍ଟମାନଙ୍କ କମିଶନ ହ୍ରାସକୁ ବିରୋଧ

# ତାଳଚେର ଏଲ.ଆଇ.ସି. ଏଜେଣ୍ଟ ସଙ୍ଘ ପକ୍ଷରୁ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ

ତାଳଚେର (ମାନିସ) : ବୀମା ଏଜେଣ୍ଟମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ, କମିଶନ ହ୍ରାସ ତଥା ବୀମା ପ୍ରିମିୟମ ବୃଦ୍ଧିର ପ୍ରତିବାଦ କରି ଆଜି ତାଳଚେର ଏଲ.ଆଇ.ସି.ଏଜେଣ୍ଟମାନଙ୍କ ପକ୍ଷରୁ ଶାଖା କାର୍ଯ୍ୟାଳୟ ଠାରେ ଏଲ.ଆଇ.ସି. ମ୍ୟାନେଜେମେଣ୍ଟ, କେନ୍ଦ୍ର ସରକାର ଓ ବୀମା ପ୍ରାଧିକରଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ନାରା ବାଜି ଦେଇ ଥିଲେ । ଆଜି ଦେଶର ସବୁ ବୀମା କାର୍ଯ୍ୟାଳୟ ଠାରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନରେ ବୀମା ନିୟମରେ ସରକାର କୌଣସି ପରିବର୍ତନ ନକଲେ ଏହି ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଏଜେଂଟ ସଙ୍ଘ ଲି. ଆଇ.ଫି. ପକ୍ଷରୁ କୁହାଯାଇଛି ।

# ବେଆଇନ ପେମେଣ୍ଟ ଗେଟୱେ ବିରୋଧରେ ସତର୍କ ସୂଚନା ଜାରି କଲା ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର

ନୂଆଦିଲ୍ଲୀ (ପିଆଇବି) : ଗୃହ ମନ୍ତ୍ରଣାଳୟ ଅଧୀନ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇଫରସି) ଅନ୍ତର୍ଜାତୀୟ ସଂଗଠିତ ସାଇବର ଅପରାଧୀଙ୍କ ଦ୍ୱାରା ବେଆଇନ ଗତିବିଧି ପାଇଁ ବ୍ୟବହାର କରାଯାଉଥିବା 'ମ୍ୟୁଲ୍' ବ୍ୟାଙ୍କ ଏକାଉଣ୍ଟର ଉପଯୋଗ କରି ପ୍ରସ୍ତୁତ କରାଯାଇଥିବା ଏବଂ ବେଆଇନ ଅର୍ଥ କାରବାର ହେଉଥିବା ଅବୈଧ ପେମେଣ୍ଟ ଗେଟୱେ ବିରୋଧରେ ସତର୍କ ସୂଚନା ଜାରି କରିଛି । ନିକଟରେ ଗୁଜରାଟ ପୁଲିସ (ଏଫଆଇଆର ସଂଖ୍ୟା- ୦୧୧୩/୨୦୨୪) ଏବଂ ଆନ୍ଧ୍ର ପ୍ରଦେଶ ପୁଲିସ (ଏଫଆଇଆର ସଂଖ୍ୟା ୩୧୦/୨୦୨୪) ଦ୍ୱାରା କରାଯାଇଥିବା ଏକ ଦେଶବ୍ୟାପୀ ଚଢ଼ାଉରୁ ଜଣାପଡ଼ିଛି ଯେ ଆନ୍ତର୍ଜାତୀୟ ଅପରାଧୀମାନେ 'ମ୍ୟୁଲ୍' ବା ଅନ୍ୟ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରି ବେଆଇନ ଡିଜିଟାଲ୍ ପେମେଣ୍ଟ ଗେଟୱେ ସୃଷ୍ଟି କରିଛନ୍ତି। ମନି ଲଣ୍ଡରିଂ ସହ ଜଡିତ ଏହି ବେଆଇନ ପ୍ରଣାଳୀ ସାଇବର ଅପରାଧରୁ ବେଆଇନ ଭାବେ ଅର୍ଜିତ ଅର୍ଥକୁ କଳାଧନ ରୂପେ କାରବାର କରିବା ଲାଗି ବ୍ୟବହୃତ ହେଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନରେ ଗୃହ ମନ୍ତ୍ରଣାଳୟ ସାଇବର ସୁରକ୍ଷିତ ଭାରତ ଗଠନ ପାଇଁ ସମସ୍ତ ପଦକ୍ଷେପ ନେଉଛି।

ରାଜ୍ୟ ପୋଲିସ ଏଜେନ୍ସିମାନଙ୍କ ଠାରୁ ମିଳିଥିବା ସୂଚନା ଏବଂ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଦ୍ୱାରା କରାଯାଇଥିବା ବିଶ୍ଳେଷଣ ଅନୁଯାୟୀ, ନିମ୍ନଲିଖିତ ବିଷୟଗୁଡ଼ିକ ଚିହ୍ନଟ କରାଯାଇଥିଲା:

୧. କରେଣ୍ଟ ଆକାଉଣ୍ଟ ଏବଂ ସେଭିଂସ୍ ଆକାଉଣ୍ଟଗୁଡିକ ସୋସିଆଲ ମିଡିଆ, ବିଶେଷକରି ଟେଲିଗ୍ରାମ ଏବଂ ଫେସବୁକ୍ ମାଧ୍ୟମରେ ସନ୍ଧାନ କରାଯାଏ; ଏହି ଆକାଉଣ୍ଟଗୁଡିକ ଶେଲ୍ କମ୍ପାନୀ/ ଉଦ୍ୟୋଗ କିମ୍ବା ବ୍ୟକ୍ତିବିଶେଷ ନାମରେ ଥାଏ।

୨. ବିଦେଶରୁ ଏସବୁ 'ମ୍ୟୁଲ୍' ଆକାଉଣ୍ଟ ପରିଚାଳିତ ହୋଇଥାଏ ।

୩. ଏହାପରେ ଏସବୁ 'ମ୍ୟୁଲ୍' ଆକାଉଣ୍ଟ ବ୍ୟବହାର କରି ବେଆଇନ ପେମେଣ୍ଟ ବା ଅର୍ଥ ନେଣଦେଣ ଗେଟ୍ ୱେ ତିଆରି କରାଯାଏ, ଯାହା ନକଲି ନିବେଶ ଠକେଇ ସାଇଟ୍, ଅଫସୋର ବେଟିଂ ଏବଂ ଜୁଆ ସହ ଜଡ଼ିତ ୱେବସାଇଟ୍, ନକଲି ଷ୍ଟକ୍ ଟ୍ରେଡିଂ ପ୍ଲାଟଫର୍ମ ଇତ୍ୟାଦି ବେଆଇନ ପ୍ଲାଟଫର୍ମରେ ଟଙ୍କା ଜମା କରିବା ପାଇଁ ଅପରାଧୀ ସିଣ୍ଡିକେଟକୁ ଦିଆଯାଏ ।

୪ ଅପରାଧରୁ ବେଆଇନ ଟଙ୍କା ମିଳିବା ମାତ୍ରେ ତୁରନ୍ତ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଏ । ଏଥିପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ବଲ୍କ ପେଆଉଟ୍ ସୁବିଧାର ଅପବ୍ୟବହାର କରାଯାଏ।

# ହ୍ୟାଲୋ ବଲିଉଡ୍



## ଭଲ ହିନ୍ଦୀ ପ୍ରୋଜେକ୍ଟକୁ ଅପେକ୍ଷା କରିଛନ୍ତି ନିତ୍ୟା

'ଗୀତା ଗୋବିନ୍ଦମ୍', 'ମର୍ସାଲ' ଓ 'ବାଙ୍ଗାଲୋର ଡେଜ୍' ଭଳି ସାଉଥ୍ ଫିଲ୍ମରେ ଦମ୍‌ଦାର ଅଭିନୟ ଲାଗି ପରିଚିତି ପାଇଛନ୍ତି ନିତ୍ୟା ମେନନ୍ । ତାମିଲ ଫିଲ୍ମ 'ତିରୁଚିତ୍ରାମ୍ବଲମ୍'ରେ ନିଖୁଣ ପ୍ରଦର୍ଶନ ଲାଗି ଚଳିତ ବର୍ଷ ସେ ପ୍ରଥମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି । ଦକ୍ଷିଣ ସିନେମାରେ ବେଶ ଲୋକପ୍ରିୟ ନିତ୍ୟା ହିନ୍ଦୀ ସିନେମାରେ ଭଲ ଭୂମିକା ଖୋଜୁଛନ୍ତି । ୨୦୧୯ ମସିହାରେ ମୁକ୍ତିପ୍ରାପ୍ତ 'ମିଶନ ମଙ୍ଗଳ'ରେ ସେ ନଜର ଆସିଥିଲେ । ଏହାର ଅନୁଭୂତି ଅତ୍ୟନ୍ତ ସକାରାତ୍ମକ ଥିଲା ବୋଲି ନିତ୍ୟା କହନ୍ତି । କିନ୍ତୁ ଅଧିକ ହିନ୍ଦୀ ଫିଲ୍ମରେ କାମ କରିବାକୁ ସେ ଆଶା ବାନ୍ଧିଛନ୍ତି । ତାଙ୍କ ମତରେ, ହିନ୍ଦୀ ସିନେ ଇଣ୍ଡଷ୍ଟ୍ରି ଖୁବ୍ ଉତ୍ସାହଜନକ । ଏଠାରେ ତାଙ୍କୁ ଯେଉଁ କାମ ମିଳିଥିଲା, ତା'ର ମୂଲ୍ୟ ଥିଲା । ତାଙ୍କୁ କଦାପି ହାଲୁକାରେ ନିଆଯାଇନଥିଲା ବୋଲି ନିତ୍ୟା କହିଛନ୍ତି । ଆଉ ଏକ ହିନ୍ଦୀ ଫିଲ୍ମ ସାଇନ୍ କରିବାକୁ ଲମ୍ବା ସମୟ ନେବା ବିଷୟରେ ନିତ୍ୟା କହିଛନ୍ତି 'ମୁଁ ଏଭଳି ଏକ ପ୍ରୋଜେକ୍ଟକୁ ଅପେକ୍ଷା କରିଛି, ଯାହା ମୋ ସାମର୍ଥ୍ୟର ପରିଚୟ ଦେବ । ମୋ ମତରେ ମୋ ସାମର୍ଥ୍ୟକୁ ଅଦ୍ୟାବଧି ସମ୍ପୂର୍ଣ୍ଣ ରୂପେ କାମରେ ଲଗାଯାଇ ନାହିଁ ।' ବଲିଉଡ୍‌ରେ ବର୍ତ୍ତମାନ ପ୍ରଚଳିତ ଲିଡ୍ ଲେଡି ଟ୍ରେଣ୍ଡ୍ ସହ ସେ ଫିଟ୍ ହେବେ କି ନାହିଁ ପଚାରିବାରୁ ନିତ୍ୟା କହିଛନ୍ତି 'ଦର୍ଶକ ପ୍ରତିଭାକୁ ଦେଖନ୍ତି । ତେଣୁ ହିନ୍ଦୀ ଫିଲ୍ମ ଦର୍ଶକ ସାଉଥ୍‌ରେ ମୋ ଫିଲ୍ମକୁ ଦେଖି ମୋ ସହ ଯୋଡ଼ିହେବେ ବୋଲି ମୋର ବିଶ୍ୱାସ । ମୁଁ ଯେତେବେଳେ ପ୍ରଥମେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସେ, ସେମାନେ ମୋତେ ସମାନ ଭଲପାଇବା ଦିଅନ୍ତି । ଏ ଇଣ୍ଡଷ୍ଟ୍ରି ଏତେ ସଂକୀର୍ଣ୍ଣମନା ନୁହେଁ । ଏଠାରେ ସଂକୀର୍ଣ୍ଣତାର କୌଣସି ସ୍ଥାନ ନାହିଁ । ସମୟ ସହିତ ଏଥିରେ ପରିବର୍ତ୍ତନ ହୋଇଛି ।

### ଲରେନ୍ସ ପରେ ବମ୍ବିହା ଗ୍ୟାଙ୍ଗର ଏଣ୍ଟ୍ରି

# ବ୍ୟବସାୟୀଙ୍କ ଘର ଉପରକୁ ଆଖିବୁଜା ଗୁଳିମାଡ଼

**ନୂଆଦିଲ୍ଲୀ:** ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପରେ ଏବେ ରାଜଧାନୀ ଦିଲ୍ଲୀରେ ଏଣ୍ଟ୍ରି କରିଛି ତା'ର ବିରୋଧୀ ଗ୍ୟାଙ୍ଗ ବମ୍ବିହା । ଦିଲ୍ଲୀର ଜଣେ ବ୍ୟବସାୟୀଙ୍କ ଘର ଉପରକୁ

**ବମ୍ବିହା ଗ୍ୟାଙ୍ଗର ଶୁଟରମାନେ ଏହି ଗୁଳିମାଡ଼ କରିଥିବା ସୂଚନା**

ହୋଇଛି ଆଖିବୁଜା ଗୁଳିମାଡ଼ । ଏହାପରେ ଗ୍ୟାଙ୍ଗର ଶୁଟର୍‌ମାନେ ଘଟଣାସ୍ଥଳରେ ଏକ ନୋଟ୍ ଛାଡ଼ି ଫେରାର ହୋଇଯାଇଛନ୍ତି । ବମ୍ବିହା ଗ୍ୟାଙ୍ଗର ଶୁଟରମାନେ ଏହି ଗୁଳିମାଡ଼ କରିଥିବା ସୂଚନା ମିଳିଛି ।

ସୂଚନା ମୁତାବକ, ଦିଲ୍ଲୀର ରାଣୀ ବାଗ ଅଞ୍ଚଳରେ ଜଣେ ଜଣାଶୁଣା ବ୍ୟବସାୟୀଙ୍କ ଘର ବାହାରେ ବାମ୍ବିହା ଗ୍ୟାଙ୍ଗର କିଛି ଲୋକେ ଗୁଳିମାଡ଼ କରିଛନ୍ତି । ଦୁଇ ଜଣ ବ୍ୟକ୍ତି ବାଇକ୍‌ରେ ଆସି ଘର ବାହାରେ ପ୍ରାୟ



୬ ରୁ ୭ ରାଉଣ୍ଡ ଗୁଳି ଚଳାଇଥିଲେ । ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଯାଞ୍ଚ ବେଳେ ଘଟଣାସ୍ଥଳରୁ ଏକ ନୋଟ୍ ଜବତ ହୋଇଛି । ଏଥିରେ ବମ୍ବିହା ଗ୍ୟାଙ୍ଗର କୌଶଳ ଚୌଧୁରୀ ଏବଂ ପାୱାର ଶୌକିନଙ୍କ ନାଁ ଲେଖାଅଛି ।

ତେବେ ଏହି ମାମଲାକୁ ନେଇ ବର୍ତ୍ତମାନ ସୁଦ୍ଧା ଟଙ୍କା ତଥା ବଟି ମାଗିବା ନେଇ କୌଣସି ଫୋନ୍ କଲ୍ ଆସିନାହିଁ । ଶନିବାର ଏହି ଘଟଣା ଘଟିଛି । ବର୍ତ୍ତମାନ ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି ।

୨୦୧୦ରେ ବମ୍ବିହା ଗ୍ୟାଙ୍ଗ ଆରମ୍ଭ ହୋଇଥିଲା । ଏହି ଗ୍ୟାଙ୍ଗର ନେତା ଦବିନ୍ଦର ଜଣେ ଲୋକପ୍ରିୟ କବାଡି ଖେଳାଳି ଥିଲେ । କିନ୍ତୁ ପରେ ହତ୍ୟା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲା । ଜେଲରେ ହିଁ ଦବିନ୍ଦର ବାମ୍ବିହା ନାଁରେ ପ୍ରସିଦ୍ଧ ହେଲେ ଏବଂ ସେ ଅନେକ ଗ୍ୟାଙ୍ଗଷ୍ଟରଙ୍କ ସହିତ ପରିଚିତ ହେଲେ । କେବଳ ସେତିକି ନୁହେଁ ତାଙ୍କ ଠାରୁ ଟ୍ରେନିଂ ମଧ୍ୟ ପାଇଲେ । ଏହା ପରେ ସେ ବାମ୍ବିହା ଗ୍ୟାଙ୍ଗର ନେତା ପାଲଟିଗଲେ ।

ତେବେ ୨୦୧୬ରେ ପଞ୍ଜାବ ପୁଲିସ ଦବିନ୍ଦର ଓରଫ ବମ୍ବିହାକୁ ଏନକାଉଣ୍ଟର ସମୟରେ ହତ୍ୟା କରିଥିଲା । ଦବିନ୍ଦରଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ଗ୍ୟାଙ୍ଗ ସକ୍ରିୟ ଅଛି । ଏହି ଗ୍ୟାଙ୍ଗକୁ ଗୌରବ ପଟିଆଲା ଓରଫ ଲକି ଓ ସୁଖପ୍ରୀତ ସିଂହ ବୁଢ଼୍‌ହା ଚଳାଉଛନ୍ତି । ସିଦ୍ଧୁ ମୋସେୱାଲାଙ୍କ ମୃତ୍ୟୁ ପରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏବଂ ବମ୍ବିହା ଗ୍ୟାଙ୍ଗ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା ।

## ୪୧୪ କେଜି ଗଞ୍ଜେଇ ଜବତ

**ଜୟପୁର:** ବଡାଅଟାଳ ଜଙ୍ଗଲରୁ ଜବତ ୪୧୪ କେଜିଗଞ୍ଜେଇକୁ କୋର୍ଟଚାଲାଣ କରିଛି ବୈପାରୀଗୁଡା ପୋଲିସ । ରବିବାର ସକାଳ ଦଶଟା ସମୟରେ ବୈପାରୀଗୁଡା ଥାନାରେ ଏଭଳି ଦେଖିବାକୁ ମିଳିଛି । ଫେଲ୍ ମାରିଲେ ଗଞ୍ଜେଇ ମାଫିଆ । ଅଭିନବ ଉପାୟରେ ଚୋରା ଚଲାଣ ପାଇଁ କାଠପୋଡା ପଂଚାୟତର ବଡ଼ଅଟାଳ ଜଙ୍ଗଲରେ ଗଚ୍ଛିତ ରଖିଥିଲେ ଗଞ୍ଜେଇ । ଖବର ପାଇ ମାଡ଼ି ବସିଲା ବୈପାରୀଗୁଡା ପୋଲିସ । ଚୋରା ଚାଲାଣ ପୂର୍ବରୁ ଚାରିଶହ କିଲୋ ଗଞ୍ଜେଇ ଜବତ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପଚାଶ ଲକ୍ଷ ଟଙ୍କା ବୋଲି ଜଣାପଡିଛି ।

## ବିପୁଳ ପରିମାଣର ବାଣ ଜବତ : ୨ ଗିରଫ

**ଗଞ୍ଜାମ:** ବ୍ରହ୍ମପୁର ସଦର ଥାନା ପୁଲିସ୍ ନାଇଟ ପାଟ୍ରୋଲିଙ୍ଗ ବେଳେ ଲାଠି ଗ୍ରାମର ଏକ ଘର ମଧ୍ୟରୁ ବିପୁଳ ପରିମାଣରେ ବେଆଇନ ବାଣ ଜବତ କରିଛି । ଏ ସଂକ୍ରାନ୍ତରେ ବିକ୍ରମ ଗଜେନ୍ଦ୍ର ଓ ଦିପକ ରେଡିଙ୍କୁ ଗିରଫ କରି ଥାନାରେ ୩୫୭/୨୪ ରେଏକ ମାମଲା ରୁଜୁ କରିଛି ।

# ସେନା ଗାଡ଼ିକୁ ଗୁଳିମାଡ଼ର ଜବାବ ଦେଲେ ଯବାନ

**ଜମ୍ମୁ:** ଜମ୍ମୁ-କଶ୍ମୀର ଅଖ୍ନୁରରେ ସେନା ଗାଡ଼ିକୁ ଆକ୍ରମଣର ଜବାବ ଦେଲେ ଯବାନ । ଜଣେ ଆତଙ୍କବାଦୀକୁ କଲେ ନିପାତ । ଆଜି ସକାଳେ ସେନା ଗାଡ଼ିକୁ ଟାର୍ଗେଟ କରି

**ଜଣେ ଆତଙ୍କୀ ସଫା**

ଆକ୍ରମଣ କରିଥିଲେ, ଯାହାର ଜବାବ ଦେଇଛନ୍ତି ଯବାନ ।

ସୂଚନା ଅନୁସାରେ, ଖବର ଲେଖା ହେବା ସୁଦ୍ଧା ସ୍ଥାନୀୟ ଅଞ୍ଚଳରେ ସୁରକ୍ଷାକର୍ମୀ ଏବଂ ଆତଙ୍କୀ ମଧ୍ୟରେ ଗୁଳିବିନିମୟ ଚାଲିଥିଲା । ଅଧିକାରୀଙ୍କ ପକ୍ଷରୁ ଏନେଇ ଅପଡେଟକୁ ଅପେକ୍ଷା କରାଯାଇଛି ।

ପ୍ରକାଶ ଥାଉକି, ଆଜି ସକାଳେ ଯବାନମାନେ ଏକ ଗାଡ଼ିରେ ଯାଉଥିଲେ । ଜମ୍ମୁ-କଶ୍ମୀର ଅଖ୍ନୁର ସେକ୍ଟରର ବାଟା ଅଞ୍ଚଳରେ ସକାଳ ପ୍ରାୟ ୭ଟା ସମୟରେ ସେନା ଗାଡ଼ି ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ ଆତଙ୍କବାଦୀ । ସୌଭାଗ୍ୟବଶତଃ ଏଥିରେ କୌଣସି ଯବାନଙ୍କର ପ୍ରାଣହାନୀ ହୋଇନାହିଁ ।

କିନ୍ତୁ ଆକ୍ରମଣ ପରେ ସୁରକ୍ଷା ବାହିନୀ



ତୁରନ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ତଲାସୀ ଆରମ୍ଭ କରି ଦେଇଛନ୍ତି । ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ କଡ଼ାକଡ଼ି କରିଥିଲା । ତଲାସୀ ସମୟରେ ଲୁଚିଥିବା ଆତଙ୍କବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏଥିରେ ଜଣେ ଆତଙ୍କୀ ସଫା ହୋଇଛି । ଏବେ ମଧ୍ୟ ସେଠାରେ ଏନକାଉଣ୍ଟର ଜାରିରହିଛି ।

ଦୀପାବଳି ପାଇଁ ଜମ୍ମୁ-କଶ୍ମୀରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାରୁ ଏପରି ହମଲା କରିଛନ୍ତି ଆତଙ୍କବାଦୀ । ଗତ ସପ୍ତାହ ମଧ୍ୟରେ ସୀମାରେ ଆତଙ୍କୀ ହମଲା ବଢି ଯାଇଛି । ବିଶେଷ କରି ସାଧାରଣ ନାଗରିକଙ୍କୁ ଟାର୍ଗେଟ କରୁଛନ୍ତି ଆତଙ୍କବାଦୀ । ସପ୍ତାହେ ମଧ୍ୟରେ ଦୁଇ ଜଣ ଯବାନ ଶହୀଦ ହୋଇ ଥିବାବେଳେ ୧୨ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଲାଣି ।

# ଆଦିତ୍ୟ ଠାକରେଙ୍କ ବିରୁଦ୍ଧରେ ମିଲିନ୍ଦ ଦେଓରାଙ୍କୁ ପ୍ରାର୍ଥୀ କଲେ ଏକନାଥ ସିନ୍ଦେ



**ରାଜ୍ୟସଭା ସାଂସଦ ଥିବା ଦେଓରା କଂଗ୍ରେସ ଛାଡି ଚଳିତ ବର୍ଷ ଆରମ୍ଭରେ ଏକନାଥ ସିନ୍ଦେ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଥିଲେ ।**

**ମୁମ୍ବାଇ:** ଉଦ୍ଧବ ଠାକରେଙ୍କ ପୁଅଙ୍କ ବିରୁଦ୍ଧରେ ଲଢିବେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ମିଲିନ୍ଦ ଦେଓରା । ଓର୍ଲି ଆସନରୁ ଦେଓରାଙ୍କୁ ଟିକେଟ ଦେଇଛନ୍ତି ଏକନାଥ ସିନ୍ଦେ । ରାଜ୍ୟସଭା ସାଂସଦ ଥିବା ଦେଓରା କଂଗ୍ରେସ ଛାଡି ଚଳିତ ବର୍ଷ ଆରମ୍ଭରେ ଏକନାଥ ସିନ୍ଦେ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଥିଲେ ।

ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ପୁଅ ଆଦିତ୍ୟ ଠାକରେ ୨୦୧୯ରେ ଏହି ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇ ବର୍ତ୍ତମାନର ବିଧାୟକ ଅଛନ୍ତି । ୨୦୨୪ ଲୋକସଭା ନିର୍ବାଚନ ସମୟରେ ଦେଓରାଙ୍କୁ ଓ୍ୱର୍ଲି ନିର୍ବାଚନମଣ୍ଡଳୀ ଦାୟିତ୍ୱ ଦିଆଯାଇଥିଲା । ବର୍ତ୍ତମାନ ତାଙ୍କୁ ଏହି ଆସନରୁ ବିଧାୟକ ଟିକେଟ୍ ମିଳିଛି ।

ଗତକାଲି ଶିବସେନା ୨୦ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ଦେଓରାଙ୍କ ବ୍ୟତୀତ ଅନ୍ୟ ୧୯ ଜଣଙ୍କୁ ଟିକେଟ୍ ମିଳିଛି, ଯେଉଁଥିରେ ସଞ୍ଜୟ ନିରୁପମଙ୍କୁ ଦିନ୍ଦୋଶି ଆସନରୁ ପ୍ରାର୍ଥୀ କରାଯାଇଛି । ସେହିପରି ବିଜେପି ସାଂସଦ ନାରାୟଣ ରାଣେଙ୍କ ପୁଅ ନୀଲେଶ ରାଣେ କୁଦାଲ ନିର୍ବାଚନମଣ୍ଡଳୀରୁ ଟିକେଟ୍ ମିଳିଛି ।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଉଦ୍ଧବ ଠାକରେଙ୍କ ଶିବସେନା, କଂଗ୍ରେସ ଓ ଶରଦ ପାଓ୍ୱାରଙ୍କ ଏନସିପିର ମହା ବିକାଶ ଅଗାଡି ମିଳିତ ମଞ୍ଚ ଏବଂ ବିଜେପି, ଏକନାଥ ସିନ୍ଦେଙ୍କ ଶିବସେନା, ଅଜିତ ପାଓ୍ୱାରଙ୍କ ଏନସିପିର ମିଳିତ ମଞ୍ଚ ମହାୟୁତି ମଧ୍ୟରେ କଡ଼ା ଟକ୍କର ହେଉଛି ।

ରାଜ୍ୟର ସମସ୍ତ ୨୮୮ ଆସନରେ ଆସନ୍ତା ୨୦ ତାରିଖରେ ଭୋଟ ହେବ । ୨୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

# ତିରୁପତି ଇସ୍କନ ମନ୍ଦିରକୁ ବୋମା ଧମକ

**ତିରୁପତି:** ଆନ୍ଧ୍ରପ୍ରଦେଶର ତିରୁପତି ଇସ୍କନ ମନ୍ଦିରକୁ ବୋମା ଧମକ । ମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ନିକଟରେ ଲଗାତାର ଭାବେ ଭାରତୀୟ ବିମାନକୁ ବୋମା ଧମକ ମିଳିବା ପରେ ଦୁଇ ଦିନ ହେବ ପ୍ରସିଦ୍ଧ ହୋଟେଲଗୁଡିକୁ ଏପରି ଧମକପୂର୍ଣ୍ଣ ଇମେଲ୍ କରା ଯାଉଥିଲା ।

ଏହାରି ମଧ୍ୟରେ ତିରୁପତିର ପ୍ରସିଦ୍ଧ ଇସ୍କନ ମନ୍ଦିରକୁ ବୋମା ଧମକ ମିଳିଛି । ପୁଲିସର ସୂଚନାନୁସାରେ, ଇସ୍କନ ମନ୍ଦିରର କର୍ମଚାରୀମାନେ ଅକ୍ଟୋବର ୨୭ରେ ଏକ ଇମେଲ ପାଇଥିଲେ, ଯେଉଁଥିରେ ପାକିସ୍ତାନର ଆଇଏସଆଇ ଆତଙ୍କବାଦୀମାନେ ମନ୍ଦିରକୁ ଉଡ଼ାଇ ଦେବାକୁ ଧମକ ଦେଇଥିଲେ ।



ତୁରନ୍ତ ଏନେଇ ସେମାନେ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ବୋମା ନିଷ୍କ୍ରିୟ ସ୍କ୍ୱାଡ୍ ଏବଂ ଡଗ୍ ସ୍କ୍ୱାଡ୍ ଟିମକୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା । ମନ୍ଦିରରେ ବ୍ୟାପକ ସର୍ଚ୍ଚ ଅପରେସନ୍ କରାଯାଇଥିଲା । କିନ୍ତୁ ମନ୍ଦିରରୁ ସେପରି କୌଣସି ବିସ୍ଫୋରକ ସାମଗ୍ରୀ କିମ୍ବା ଅନ୍ୟ ଆପତ୍ତିଜନକ ଜିନିଷ ମିଳି ନାହିଁ ।

କେହି ଜାଣିଶୁଣି ଏପରି ଆତଙ୍କ ସୃଷ୍ଟି କରୁଥିବା ସନ୍ଦେହ କରାଯାଉଛି । ଏହାପୂର୍ବରୁ ଅକ୍ଟୋବର ୨୬ରେ ମଧ୍ୟ ତିରୁପତିର ଦୁଇଟି ପ୍ରତିଷ୍ଠିତ ହୋଟେଲକୁ ବୋମା ଧମକ ମିଳିଥିଲା । ତଦନ୍ତ ପରେ କୌଣସି ସାମଗ୍ରୀ ମିଳିନଥିଲା । କେହି ମିଛ ରିପୋର୍ଟ ଦେଇ ଆତଙ୍କ ସୃଷ୍ଟି କରୁଥିବା ସନ୍ଦେହ କରାଯାଉଛି । ଭାରତୀୟ ବିମାନ ଏବଂ ହୋଟେଲଗୁଡିକୁ ମଧ୍ୟ ଲଗାତାର ଭାବେ ଏପରି ଆତଙ୍କ ସୃଷ୍ଟିକାରୀ କଲ୍ ଓ ମେସେଜ୍ ମିଳୁଛି ।

# ଘରୁ ମିଳିଲା ଫେମସ ୟୁଟ୍ୟୁବର୍ ଦମ୍ପତିଙ୍କ ମୃତଦେହ

**ନୂଆଦିଲ୍ଲୀ:** ଘର ଭିତରୁ ସନ୍ଦିଗ୍ଧ ଅବସ୍ଥାରେ ମିଳିଲା ଫେମସ ୟୁଟ୍ୟୁବର ତଥା ସୋଶାଲ ମିଡିଆ ଇନ୍‌ଫ୍ଲୁଏନ୍ସର୍ ଦମ୍ପତିଙ୍କ ମୃତଦେହ । ଏହାକୁ ନେଇ ଏବେ ଚାରିଆଡେ ହଇଚଇ ସୃଷ୍ଟି ହୋଇଛି । ଉଭୟ ସାମୀ-ସ୍ତ୍ରୀ ଥିଲେ । ଉଭୟଙ୍କ ମୃତଦେହ ରବିବାର କେରଳର ପରସାଲା ସହରରେ ସ୍ଥିତ ତାଙ୍କ ଘରୁ ମିଳିଛି ।

ମୃତକ ଦମ୍ପତି ହେଲେ ସେଲଭରାଜ (୪୫) ଓ ତାଙ୍କ ପତ୍ନୀ ପ୍ରିୟା(୪୦) । 'Sellu Family' ନାମରେ ଏମାନଙ୍କ ୟୁଟ୍ୟୁବ ଚ୍ୟାନେଲ ଥିଲା । ତେବେ ରବିବାର ଏହି ଦୁଇ ଜଣଙ୍କ ମୃତଦେହ ତାଙ୍କ ଘରୁ ସନ୍ଦିଗ୍ଧ ଅବସ୍ଥାରେ ମିଳିଛି । ମୃତଦେହରୁ ଦୁର୍ଗନ୍ଧ ବାହାରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା । ତାଙ୍କ ଘର ଆଖପାଖର ଲୋକମାନେ ଦମ୍ପତି ନିଖୋଜ ଥିବା ସନ୍ଦେହ କରିଥିଲେ । ତେଣୁ ପୁଲିସରେ ଅଭିଯୋଗ ମଧ୍ୟ କରିଥିଲେ । ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଖୋଲିବା ପରେ ୟୁଟ୍ୟୁବର ଦମ୍ପତିଙ୍କ ମୃତଦେହ ମିଳିଛି । ପାରାସାଲା ପୁଲିସର ସୂଚନାନୁସାରେ, ପତ୍ନୀ

**୨ ଦିନ ତଳେ ପୋଷ୍ଟ କରିଥିଲେ ଭିଡିଓ**

ପ୍ରିୟାଙ୍କ ମୃତଦେହ ଖଟ ଉପରେ ପଡ଼ିଥିବା ବେଳେ ସେଲଭରାଜଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଛି । ଏହି ମୃତ୍ୟୁ ଦୁଇ ଦିନ ପୂର୍ବରୁ ହୋଇଥାଇପାରେ ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ।

ପଡୋଶୀଙ୍କ କହିବା ମୁତାବକ, ଏହି ଦମ୍ପତି ଘରର ଆଖପାଖ ଲୋକଙ୍କ ସହ କମ ମିଳାମିଶା କରୁଥିଲା । ଗତବର୍ଷ ଦମ୍ପତି ନିଜ




ଝିଅର ବିବାହ କରିଥିଲେ । ଏମାନେ ବେଶ୍ ସରଳ ସଭାବର ଥିଲେ । ସେପଟେ ଏହା ଆତ୍ମହତ୍ୟା ମାମଲା ବୋଲି ପୁଲିସ ସନ୍ଦେହ କରୁଛି । ତେବେ ପୋଷ୍ଟ ମର୍ଟମ ରିପୋର୍ଟ ଆସିବା ପରେ ଏହି ଘଟଣାର ସତ୍ୟତା ପ୍ରକାଶ ପାଇବ । ପୁଲିସ କୋଠରୀରୁ କୌଣସି ଆତ୍ମହତ୍ୟା ନୋଟ ଜବତ କରି ନାହିଁ । ଘର ଚାରିପାଖରେ ଲଗାଯାଇଥିବା ସିସିଟିଭି ଫୁଟେଜକୁ ମଧ୍ୟ ପୁଲିସ ଯାଞ୍ଚ କରୁଛି । ପୂରା ମାମଲାର ତଦନ୍ତ ଜାରି ରହିଛି ।

ସେଲଭରାଜ ଜଣେ ନିର୍ମାଣ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ ଏବଂ ତାଙ୍କ ପତ୍ନୀଙ୍କ ସହ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଭିଡିଓ ପୋଷ୍ଟ କରୁଥିଲେ । ଉଭୟଙ୍କର ୟୁଟ୍ୟୁବ୍ ପ୍ଲାଟଫର୍ମରେ ୧୮ ହଜାରୁ ଅଧିକ ଫଲୋଅର୍ସ ଅଛନ୍ତି ଏବଂ ଉଭୟ ଏପର୍ଯ୍ୟନ୍ତ ସୋସିଆଲ ମିଡିଆରେ ୧୪୦୦ରୁ ଅଧିକ ଭିଡିଓ ପୋଷ୍ଟ କରିଛନ୍ତି । ଦୁଇ ଦିନ ପୂର୍ବେ ସେ ତାଙ୍କର ଶେଷ ଭିଡିଓ ଅପଲୋଡ୍ କରିଥିଲେ, ଯେଉଁଥିରେ ଏକ ହୃଦୟ ବିଦାରକ ଗୀତ ସାମିଲ ଥିଲା । ଏହି ଭିଡିଓରେ ମୃତ୍ୟୁକୁ ଚିତ୍ରଣ କରାଯାଇଥିଲା ।

# ବାତ୍ୟା ଆଳରେ କାଠ ମାଫିଆ ସକ୍ରିୟ

**ଧର୍ମଶାଳା:** ସାମ୍ପ୍ରତ୍ୟ ବାତ୍ୟା ଦାନା ଆସିବା ପୂର୍ବରୁ ପାଣିପାଗ ବିଭାଗ ଆଗୁଆ ସୂଚନା ଦେଇଥିଲା । ଏନେଇ ଜନସାଧାରଣଙ୍କୁ ଭୟଭିତ ନ ହୋଇ ସତର୍କତା ପନ୍ଥା ଅବଲମ୍ବନ କରିବାକୁ ଘନ ଘନ ପରାମର୍ଶ ଦିଆଯାଇଥିଲା । ଆଗକୁ ବାତ୍ୟାର ପ୍ରକୋପ ବଢିବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଗଣମାଧ୍ୟମରେ ଆଗୁଆ ସୂଚନା ଦିଆଯାଇଥିବା ବେଳେ ପରେ ବାତ୍ୟା ଦୁର୍ବଳ ହୋଇଯିବା ସହିତ ଲଗାଣ ବର୍ଷା ଲାଗି ରହିଥିଲା । ବିଶେଷ କରି ଯାଜପୁର ଜିଲାରେ ସେତେଟା ପ୍ରଭାବ ପଡି ନ ଥିବା ବେଳେ କେବଳ ଲଗାଣ ବର୍ଷା ଜାରି ରହିଥିଲା । ଏହାର ସୁଯୋଗ ନେଇଥିଲେ କାଠ ମାଫିଆ । ବାତ୍ୟାରେ ଗଛ ଭାଙ୍ଗି ପଡିଥିବା ଆଳରେ ବିଭିନ୍ନ ସରକାରୀ ଓ ବ୍ୟକ୍ତିଗତ ଜମିରୁ ବଡବଡ ଗଛ କାଟି ନିଆଯାଉଥିବା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅଂଚଳରେ । ବ୍ରହ୍ମବରଦା ଓ ବନ୍ଧଡିହ ପଂଚାୟତ ସମେତ ଏହାର ଆଖପାଖ ଅଂଚଳରୁ କାଠ ମାଫିଆମାନେ ସକ୍ରୀୟ ହୋଇ ସରକାରୀ ଜମିରୁ ଗଛ କାଟି ନେବା ସହ ଏହି ଅଂଚଳର ଲୋକମାନେ ନିଜ ନିଜ ଜମିରୁ ଗଛ କାଟି ମାଫିଆମାନଙ୍କୁ ବିକ୍ରୀ କରୁଥିବା ଜଣାଯାଇଛି । ମାଫିଆମାନେ ଦିନ ରାତି ଏକ କରି ଭୋର ସମୟରେ ଟ୍ରାକ୍ଟର ଦ୍ୱାରା ଅଂଚଳର ବିଭିନ୍ନ କରତକଳକୁ କାଠ ନିଆଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ବ୍ୟକ୍ତିଗତ ଜମିରୁ ଗଛ କାଟିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ଏହି ବାତ୍ୟା ଆଳରେ ମାଫିଆଙ୍କୁ ଲଗାଇ ବଡବଡ ଗଛ କଟା ଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ମାଫିଆମାନେ ନମ୍ବର ବିହୀନ ଟ୍ରାକ୍ଟରରେ କଟା ଗଛ ପରିବହନ କରୁଥିବା ଦେଖିବାକୁ ମିଳିଛି । ଟ୍ରାକ୍ଟରରେ କାଠ ପରିବହନ ନେଇ କୌଣସି ସରକାରୀ ନିୟମ ନ ଥିବା ବେଳେ ବ୍ରହ୍ମବରଦା ଅଂଚଳରୁ କିପରି ଟ୍ରାକ୍ଟରରେ ଦୈନନ୍ଦିନ ୫ଟ୍ରିପ୍ କାଠ ବିଭିନ୍ନ କରତକଳକୁ ଚାଲାଣ କରାଯାଉଛି । ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଓ ପରିବେଶବିତ୍ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ବନ ବିଭାଗ ଭୋର ସମୟରେ ଏହି ଅଂଚଳରେ ଚଢଉ କଲେ କାଠମାଫିଆ ଧରାପଡିବେ ବୋଲି ଅଂଚଳବାସୀ ଦାବି କରିଛନ୍ତି ।

## ରାଶିଫଳ

**ମେଷ:** ସପ୍ତମଚନ୍ଦ୍ର ଯୋଗୁ ମାନସିକ, ପାରିବାରିକ ଶାନ୍ତି ଏବଂ ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ । ମନରେ ପ୍ରସନ୍ନତା, ଚାଲିଚଳନରେ ସଂଯମତା ଏବଂ ସମସ୍ତଙ୍କର ପ୍ରଶଂସାର ପାତ୍ର ହେବେ ।

**ବୃଷ :** ଘାତବାର ଏବଂ ଷଷ୍ଠଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କର ସହ ପରୋପକାର, ସମାଜସେବା ଓ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ ।

**ମିଥୁନ :** ପଞ୍ଚମ ଚନ୍ଦ୍ର, ଦିବା ୧୨ଟା ୩୪ ମିନିଟ୍ ପରେ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

**କର୍କଟ :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ରଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ, ସ୍ୱଜନ, ପରିଜନ, ବନ୍ଧୁବାନ୍ଧବ, ସହକର୍ମୀ, ସହଯୋଗୀଙ୍କ ସହ ବିବାଦ, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜି ଯାଇପାରେ ।

**ସିଂହ :** ଘାତବାର ଓ ତୃତୀୟ ଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇଭଉଣୀଙ୍କ ପ୍ରତିସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ମନରେ ଦୃଢ଼ ଇଚ୍ଛାଶକ୍ତି ଓ ଆମବିଶ୍ୱାସ ବୃଦ୍ଧି ପାଇବ ।

**କନ୍ୟା:** ଘାତବାର ଏବଂ ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ରଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ଏବଂ ଆତ୍ମତୃପ୍ତି ମିଳିବ ନାହିଁ । ଧନ ଓ ଆୟପ୍ରତି ମନରେ ଅହେତୁକ ଦୁର୍ବଳତା ପ୍ରକାଶ ପାଇବ ।

**ତୁଳା :** ଶ୍ରୀଚନ୍ଦ୍ର, ମଙ୍ଗଳବାର ଯୋଗୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ଚାଲିଚଳନ, ବ୍ୟବହାରରେ ସଂଯମତା ରହିବ ଏବଂ ବଚନରେ ମଧୁରତା ଭାବ ପ୍ରକାଶ ପାଇବ ।

ବିଛା : ଦ୍ୱାଦଶଚନ୍ଦ୍ର ଯୋଗୁ ଆୟ ପାଞ୍ଚ ଟଙ୍କା ହେଲେ ବ୍ୟୟ ପଚିଶ ଟଙ୍କା ହେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ । ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହଭାବ ପ୍ରକାଶ ପାଇବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ ଏବଂ ବିନାକାରଣରେ ବହୁତ ବ୍ୟସ୍ତ ରହିବେ ।

**ଧନୁ :** ଏକାଦଶ ଚନ୍ଦ୍ର, ମଙ୍ଗଳଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ଭୂମି ଓ ସୌଖୀନ ଘରୋଇ ଉପକରଣ କ୍ରୟ କରିବେ । ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ ।

**ମକର :** ଦଶମଚନ୍ଦ୍ର, ମଙ୍ଗଳବାର ଯୋଗୁ ସମସ୍ତ କର୍ମରେ ଅସମ୍ଭବ ସଫଳତା ମିଳିବ । ନୂତନ କର୍ମାରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତି ମିଳିପାରେ । ଆଜି ଯେକୌଣସି କର୍ମ ଆରମ୍ଭ କରିବେ, ସେଥିରେ ଶତ ପ୍ରତିଶତ ସଫଳତା ପାଇବେ ।

**କୁମ୍ଭ :** ନବମ ଚନ୍ଦ୍ର, ଘାତତିଥି ଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ପରିବାରରେ ଅଶାନ୍ତି ଏବଂ ସ୍ୱଜନ, ପରିଜନଙ୍କ ବିରୋଧର ସମ୍ମୁଖୀନ ହେବେ । ମାନ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ ।

**ମୀନ :** ଅଷ୍ଟମଚନ୍ଦ୍ର, ଚତୁର୍ଥୀ ତିଥି ଏବଂ ଅପରାହ୍ଣ ୧୨ଟା ୩୪ ମିନିଟ୍ ପରେ ରାହୁଙ୍କ ନକ୍ଷତ୍ର ଏବଂ ବିଷ୍ଟୀ କରଣ ହେତୁ ବାଦ, ବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ଉଚ୍ଚସ୍ଥାନ ଆରୋହଣ, ଗ୍ୟାସ୍, ଇଲେକ୍ଟ୍ରିକ୍ ଦ୍ରବ୍ୟ ବ୍ୟବହାର ଏବଂ ଯାନବାହନ ଆରୋହଣ କାଳରେ ସତର୍କତା ଅବଲମ୍ବନ କରିବେ ।

ମାତୃଭାଷା





ଆକାଶ ମାର୍ଗରୁ ବନ୍ୟାଞ୍ଚଳ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆଜି କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବାତ୍ୟା ଓ ତତ୍ ଜନିତ ବନ୍ୟା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରୁଛନ୍ତି ମୁଖ୍ୟମନ୍ତ୍ରୀ । ତାଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ସନ୍ଧ୍ୟା ୬ଟାରେ ଏସଆରସି ଅଫିସରେ ଏନେଇ ସମୀକ୍ଷା ବୈଠକ କରିବେ ମୁଖ୍ୟମନ୍ତ୍ରୀ । ରବିବାର ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପାରାଦୀପ, ମହାକାଳପଡା, ରାଜନଗର, ରାଜକନିକା ଓ ଚାନ୍ଦବାଲିର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଅନୁଧ୍ୟାନ କରିଥିଲେ।

# 'କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି'କୁ ଉଦଘାଟନ କଲେ ଲୋକସଭା ବାଚସ୍ପତି

**ସମାଜର ଗଠନ ଏବଂ ନାଗରିକଙ୍କ ଜୀବନକୁ ପ୍ରଭାବିତ କରିବାରେ 'ଲୋକ ନୀତି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ**





**ଭୁବନେଶ୍ୱର:** ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଆଜି ଭୁବନେଶ୍ୱରର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟ ଠାରେ 'କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି'କୁ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏପରି ଏକ ଶିକ୍ଷାନୁଷ୍ଠାନ ଖୋଲିଥିବାରୁ ସେ କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ବିର୍ଲା କହିଛନ୍ତି, ଯେକୌଣସି ସମାଜର ଗଠନ ଏବଂ ନାଗରିକଙ୍କ ଜୀବନକୁ ପ୍ରଭାବିତ କରିବାରେ 'ଲୋକ ନୀତି' ବା ପବ୍ଲିକ୍ ପଲିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମାଜର ଅଧିକାଂଶ ନାଗରିକ ନୀତି ନିର୍ଦ୍ଧାରଣରେ ଯୋଗଦାନ କରିବା ଉଚିତ୍ ବୋଲି ସେ ମତପ୍ରକାଶ କରିଛନ୍ତି । ଜନପ୍ରତିନିଧି ଓ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ସେତୁ ସକ୍ରିୟ ଓ ଜୀବନ୍ତ ହେବା ଦରକାର, ଯାହାଦ୍ୱାରା ଲୋକାଭିମୁଖୀ ଆଇନ ଓ ନୀତି ପ୍ରଣୟନ ହୋଇପାରିବ ବୋଲି ବାଚସ୍ପତି କହିଛନ୍ତି ।

ଶ୍ରୀ ବିର୍ଲା ଆହୁରି କହିଛନ୍ତି, ଆଜିର ସମୟରେ ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି)ର ବ୍ୟବହାର ଲୋକ ନୀତି ନିର୍ଦ୍ଧାରଣରେ ସାଧାରଣ ଜନତାଙ୍କ ଅଂଶଗ୍ରହଣ ବୃଦ୍ଧି କରିପାରିଛି । ଏଭଳି ପରିସ୍ଥିତିରେ ଅଧିକରୁ ଅଧିକ ଲୋକଙ୍କ ନୀତି ପ୍ରଣୟନରେ ସକ୍ରିୟ ଅଂଶଗ୍ରହଣ ସହିତ ନୀତି ନିର୍ଦ୍ଧାରଣ ପାଇଁ ନିଜର ମତାମତ ଦେବା ଉଚିତ। ଯାହା ଫଳରେ ପ୍ରସ୍ତୁତ ନୀତି ଏବଂ ଆଇନ ଅଧିକ ପ୍ରାସଙ୍ଗିକ ଏବଂ ସ୍ୱଚ୍ଛ ହୋଇପାରିବ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଏଥିପୂର୍ବରୁ ବାଚସ୍ପତି ଶ୍ରୀ ବିର୍ଲା କିସ୍ ପରିସରରେ ଜନଜାତି ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିଥିଲେ ଏବଂ ସେମାନଙ୍କୁ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବାକୁ ପରାମର୍ଶ ଦେଇଥିଲେ।

# ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନେଇ ଗଠିତ ଟାସ୍କଫୋର୍ସର ପ୍ରଥମ ବୈଠକ

**ଭୁବନେଶ୍ୱର:** ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନିମନ୍ତେ ଗଠନ ହୋଇଥିବା ଟାସ୍କଫୋର୍ସର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବିଭାଗର ମନ୍ତ୍ରୀଗଣ, ଅତିରିକ୍ତ ପ୍ରମୁଖ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟରେ ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନିମନ୍ତେ ଗଠିତ ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସର୍ ପ୍ରଥମ ବୈଠକରେ ଦାଦନ ଯିବା କାରଣ ଓ ଏହାର ସମାଧାନ ଉପରେ ସଭିଏଁ ନିଜ ନିଜର ମତବ୍ୟକ୍ତ କରିଥିଲେ ।

ବୈଠକରେ ଶ୍ରୀ ସିଂହଦେଓ ଅଧ୍ୟକ୍ଷତା କରି କହିଥିଲେ ଯେ, ଲୋକଙ୍କୁ ସ୍ଥାୟୀ ଜୀବିକା କିମ୍ବା ରୋଜଗାରର ପନ୍ଥା ଯୋଗାଇ ଦେବା ସହ ଦଲାଲ (ଲେବର୍ ସର୍ଦ୍ଦାର)କୁ ହଟାଇ ପାରିଲେ ଦାଦନ ବିସ୍ଥାପନ ସମସ୍ୟା କିଛି ମାତ୍ରାରେ କମିଯିବ । ଅଧିକ ରୋଜଗାରର ଆଧା ଦେଖାଇ ସେମାନେ ଦିନମଜୁରିଆଙ୍କୁ ପ୍ରଲୋଭିତ କରନ୍ତି । କିନ୍ତୁ ପରେ ସେମାନଙ୍କୁ ଠିକ୍ ଭାବରେ ପାରିଶ୍ରମିକ ନ ଦେଇ ଦିନରାତି ଖଟାନ୍ତି। ସେଥିପାଇଁ ସରକାରଙ୍କ ତରଫରୁ ଏହି ଟାସ୍କଫୋର୍ସ ଗଠନ କରାଯାଇ ରଣନୀତି ପ୍ରସ୍ତୁତ କରାଯାଉଛି । ଦାଦନ ଭାବେ ବାହାର ରାଜ୍ୟକୁ କିମ୍ବା ଦେଶକୁ ଯାଉଥିବା ବ୍ୟକ୍ତି ପ୍ରଥମେ ନିଜକୁ ପଞ୍ଜିକରଣ କରାନ୍ତୁ । ଯାହାଫଳରେ ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସରକାର ଆବଶ୍ୟକ ମୁତାବକ ସାହାଯ୍ୟ ଯୋଗାଇ ଦେଇପାରିବେ ।



ଲେବର୍ କଂଟ୍ରାକ୍ଟରମାନେ ମଧ୍ୟ ଲାଇସେନ୍ସ ପ୍ରାପ୍ତ ହୋଇଥିବା ଆବଶ୍ୟକ। ସମୟ ସମୟରେ ସେମାନଙ୍କର ଯାଂଚ କରାଯାଉ । ଅବୈଧ କଂଟ୍ରାକ୍ଟର ପକ୍ଷେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାର ଦାଦନ ବିସ୍ଥାପିତଙ୍କ ତଥ୍ୟ ରଖିବା ପାଇଁ ଏକ ମୋବାଇଲ ଆପ ବିକାଶ ଏବଂ ଦାଦନ ଶ୍ରମିକଙ୍କ ପାଇଁ ସତନ୍ତ୍ର ସାସ୍ଥ୍ୟ କାର୍ଡ଼ କରାଯିବାର ଯୋଜନା କରିଛନ୍ତି ।

ସୂଚନାଯୋଗ୍ୟ ଯେ, କୋଭିଡ ୧୯ ପରବର୍ତ୍ତୀ ସମୟରେ ପ୍ରାୟ ୮.୩୮ ଲକ୍ଷ ଦାଦନ ଓଡ଼ିଶା ଫେରିଥିଲେ । ୨୦୨୪ ବର୍ଷରେ ପ୍ରାୟ ୧୦୩୬ ଜଣକୁ ଲେବର୍ ଲାଇସେନ୍ସ ପ୍ରଦାନ କରାଯାଇଛି ଏବଂ ୯୬ ଥର ଯାଂଚ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି । ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଭଳି ୪ଟି ଜିଲ୍ଲାର ୨୦ ଟି ବ୍ଲକର ୨୯ଟି ଗ୍ରାମ ପଂଚାୟତରେ ସର୍ଭେ କରାଯାଇଛି ।

ଏହି ସମସ୍ୟାର ନିରାକରଣ ପାଇଁ ଶ୍ରମିକ ମାନଙ୍କ ପାରିଶ୍ରମିକ ବୃଦ୍ଧି କରିବା ସହ ସଠିକ ସମୟରେ ଏହି ପାରିଶ୍ରମିକ ସେମାନଙ୍କୁ ଯୋଗାଇବା ଆବଶ୍ୟକ ।

## ଫକୀରମୋହନ ସାହିତ୍ୟ ପରିଷଦର କର୍ମକର୍ତ୍ତା ନିର୍ବାଚନ

**ବାଲେଶ୍ୱର(ମାନିସ):** ରାଜ୍ୟର ଦ୍ୱିତୀୟ ସର୍ବପୁରାତନ ଫକୀରମୋହନ ସାହିତ୍ୟ ପରିଷଦର ଆଗାମୀ ୨୦୨୪-୨୭ ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଶାନ୍ତିକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ.ସୁବାସ ଚନ୍ଦ୍ର ପାତ୍ର ନିଦ୍ୱର୍ନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଡ. ରତ୍ନାକର ସିଂହ ୧୩୬ ଖଣ୍ଡ ଭୋଟ ପାଇ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ତାଙ୍କ ବିପକ୍ଷରେ ଡ. ପ୍ରଦୀପ୍ତ କୁମାର ମିଶ୍ର ୯୯ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ଉପସଭାପତି ଭାବେ ଅଞ୍ଜଳି ପଣ୍ଡା ଓ ଦୀନବନ୍ଧୁ ଲେଙ୍କା ବିଜୟ ହାସଲ କରିଥିବାବେଳେ ଯତୀନ୍ଦ୍ର ପୁହାଣ ପରାଜୟ ବରଣ କରିଛନ୍ତି । ଯୁଗ୍ମ ସଂପାଦକ ଭାବେ କଲ୍ୟାଣୀ ନନ୍ଦ ଓ ରାଜେଶ ଗିରି ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ତପନ ରାୟ ନିଦ୍ୱର୍ନ୍ଦ୍ୱରେ ତାଙ୍କର ପୂର୍ବ ଆସନ ବଜାୟ ରଖିପାରିଛନ୍ତି । ପରିଷଦ ଇତିହାସରେ ପ୍ରଥମ କରି ନିର୍ବାଚନ ହୋଇଥିବା କାର୍ଯ୍ୟକାରୀ ସମିତିର ସଭ୍ୟ ଭାବରେ ଡ. ଶିରୀଶ ଚନ୍ଦ୍ର ଜେନା, ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ. ସାରଙ୍ଗଧର ତ୍ରିପାଠୀ, ରଂଜନ ବାଗ, ପ୍ରଦୀପ ଚାଟାର୍ଜୀ, ସ୍ମୃତି ଦାସ, ଡ. ହରିଶ୍ଚନ୍ଦ୍ର ବେହେରା, ବିଷ୍ଣୁପ୍ରସାଦ ମହାନ୍ତି, ଯଶୋଧାରା ଦାସ ଓ ଡ. ସୁକାନ୍ତ ଗିରି ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ସଦସ୍ୟ ଡ. ଭାଗବତ ପ୍ରସାଦ ଦାସ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ପଣ୍ଡିତ ସଂଜୟ ପଣ୍ଡା, କରୁଣାକର ସ, ଡ. କୁମାର ଗୋପାଳ, ଶାନ୍ତିଲତା ପଣ୍ଡା ଓ ପ୍ରବୀର କାମିଲା ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ । ପୂର୍ବାହ୍ଣ ୯ ଘଟିକା ସମୟରେ ପରିଷଦର ସାଧାରଣ ପରିଷଦ ବୈଠକ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇ ଦିନ ୧.୩୦ ପର୍ଯ୍ୟନ୍ତ ଚାଲିଥିଲା । ସଂପାଦକ ଦୀପକ ବୋଷ ସଂପାଦକୀୟ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ତପନ ରାୟ ଆୟବ୍ୟୟ ବିବରଣୀ ପାଠ କରିଥିଲେ ।

## ସନ୍ଦେହଜନକ ପଦାର୍ଥ ବୋଝେଇ ଭ୍ୟାନ ଜବତ, ୨ ଅଟକ

**ବାଲେଶ୍ୱର(ମାନିସ):** ରବିବାର ଅପରାହ୍ନରେ ବାଲେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ସନ୍ଦେହ ଜନକ ପଦାର୍ଥ ନେଇ ଯାଉଥିବା ଏକ ଭ୍ୟାନକୁ ସହଦେବ ଖୁଣ୍ଟା ଥାନା ଅନ୍ତର୍ଗତ ଦହପଡା ଠାରେ ୧୦ ରୁ ୧୫ ଜଣ ଯୁବକ ଅଟକାଇଥିଲେ । ଭ୍ୟାନର ଡ୍ରାଇଭର ଓ ଅନ୍ୟ ସହଯୋଗୀଙ୍କୁ ମାଡ଼ ମାରି ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଭ୍ୟାନ ସହ ଆପତ୍ତିଜନକ ପଦାର୍ଥ ଜବତ କରିଥିଲା କ୍ଷ ଦୁଇ ଜଣ ଯୁବକଙ୍କୁ ଉଦ୍ଧାର କରିଥିବା ବେଳେ ସେଥିରୁ ଜଣେ ଗୁରୁତର ଆହତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏ ନେଇ ଏକ ମାମଲା ନଂ ୪୨୫/୨୪ ମୂଳେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।

# ବନ୍ୟାରୁ ସୁରକ୍ଷା ପାଇଁ ଆସିଲା ନୂଆ ଯୋଜନା, ଖର୍ଚ୍ଚ ହେବ ୨୦୦ କୋଟି

**ଭୁବନେଶ୍ୱର:** ରାଜ୍ୟର ତଳମୁଣ୍ଡରେ ଅଧିକ ଜଳପ୍ରବାହ ଯୋଗୁ ସୃଷ୍ଟି ହେଉଥିବା ବନ୍ୟା ପରିସ୍ଥିତିକୁ ଏଡ଼ାଇବା ପାଇଁ ମୋହନ ମାଝୀ ସରକାର ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ୫ ବର୍ଷରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ବହନ କରିବେ। 'ବନ୍ଧ ସୁରକ୍ଷା ଓ ଉନ୍ନତିକରଣ କାର୍ଯ୍ୟ' ନାଁରେ ଏହି ନୂଆ ଯୋଜନାରେ ପୁରାତନ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡ୍ୟାମଗୁଡ଼ିକର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ କରାଯିବ ବୋଲି ଜଣାପଡ଼ିଛି ।

ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଜାରି 'ସଂକଳ୍ପପତ୍ର' ଅନୁସାରେ, ପୁରାତନ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡ୍ୟାମଗୁଡ଼ିକର ବିଫଳତା ଯୋଗୁ ତଳମୁଣ୍ଡରେ ଅତିରିକ୍ତ ଜଳପ୍ରବାହରୁ ଧନ ଜୀବନହାନି ହେବାସହିତ ପ୍ରାଣୀ ତଥା ପରିବେଶରେ ଅନୁଚିତ କ୍ଷତି ହେବାର ଆଶଙ୍କା ରହିଥାଏ। ସେଥିପାଇଁ ପୁରାତନ ବନ୍ଧଗୁଡ଼ିକର ସୁରକ୍ଷା ପାଇଁ ଏହାର ନିରବଚ୍ଛିନ୍ନ ନିରୀକ୍ଷଣ ଓ ରକ୍ଷଣାବେକ୍ଷଣ ସହିତ ଆବଶ୍ୟକତା ଅନୁସାରେ ମରାମତି ଓ ଉନ୍ନତିକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ଡ୍ୟାମର ଅବକ୍ଷୟକୁ ଦୂର କରିବା ନିମନ୍ତେ 'ବନ୍ଧ ସୁରକ୍ଷା ଓ ଉନ୍ନତିକରଣ କାର୍ଯ୍ୟ' ଯୋଜନାକୁ ଆଗାମୀ ୫ବର୍ଷ ପାଇଁ କାର୍ଯ୍ୟକାରୀ କରିବା ନିମନ୍ତେ ୨୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନା ପାଇଁ ଅତିରିକ୍ତ ମାନବ ସମ୍ବଳର ଆବଶ୍ୟକତା ନଥିବା ବିଭାଗ ପକ୍ଷରୁ କୁହାଯାଇଛି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବନ୍ଧର ସୁରକ୍ଷା ଓ ସୁଦୃଢ଼ୀକରଣ, ବନ୍ଧର ସାମଗ୍ରିକ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି, ବନ୍ଧର ସ୍ଥାୟିତ୍ୱ ତଥା ବୟସସୀମା ବୃଦ୍ଧି, ଜଳବ୍ୟବହାର ଦକ୍ଷତା ବୃଦ୍ଧି ଓ ଚାହିଦା ଅନୁଯାୟୀ ଜଳଯୋଗାଣ ଆଦି ବୋଲି ସଂକଳ୍ପପତ୍ରରେ ଉଲ୍ଲେଖ ରହିଛି ।



ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ଏହି ଯୋଜନାରେ ୪୧.୭୫କୋଟି, ୨୦୨୫-୨୬ରେ ୪୭.୧୫କୋଟି, ୨୦୨୬-୨୭ରେ ୪୩.୭୫କୋଟି, ୨୦୨୭-୨୮ରେ ୩୬.୫୦କୋଟି ଓ ୨୦୨୮-୨୯ରେ ୩୦.୮୫କୋଟି ଟଙ୍କା ଟଙ୍କା ଖର୍ଚ୍ଚ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ।

# ରାୟଗଡ଼ ଦୁର୍ଗ: ଛତ୍ରପତି ଶିବାଜୀ ମହାରାଜଙ୍କ ଦ୍ୱାରା ବିକଶିତ ମରାଠା ସାମ୍ରାଜ୍ୟର ରାଜଧାନୀ

**'ଭାରତର ମରାଠା ସାମରିକ ପରିଦୃଶ୍ୟ' ଶୀର୍ଷକରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ପାଇଁ ମନୋନୀତ ହୋଇଥିବା ୧୨ଟି ଦୁର୍ଗ ମଧ୍ୟରୁ ରାୟଗଡ଼ର ଦୁର୍ଗ ଅନ୍ୟତମ**

**ମନୋନୀତ ୧୨ଟି ଦୁର୍ଗ ମଧ୍ୟରୁ ରାୟଗଡ ହେଉଛି ମରାଠା ସ୍ଥାପତ୍ୟର ଉତ୍କୃଷ୍ଟ ଉଦାହରଣ ଏବଂ ପାହାଡ଼ ଉପରେ ନିର୍ମିତ ରାଜଧାନୀ ଦୁର୍ଗର ସର୍ବୋତ୍ତମ ପ୍ରତିନିଧିତ୍ୱ**

**ଗୁଜୁରାଟର କେଭାଡିଆରେ ଚଳିତ ବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନର ପୃଷ୍ଠଭୂମି ହେଉଛି ରାୟଗଡ଼ ଦୁର୍ଗ**

**ଛତ୍ରପତି ଶିବାଜୀ ମହାରାଜଙ୍କ ଅବିଶ୍ୱସନୀୟ ବୀରତ୍ୱ, ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଅଭିନବ ଯୁଦ୍ଧ କୌଶଳର କାହାଣୀକୁ ପ୍ରଦର୍ଶିତ କରିବା ପାଇଁ କେଭାଡିଆରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ ସ୍ଥଳରେ ରାୟଗଡ଼ ଦୁର୍ଗର ଏକ ପ୍ରତିକୃତି ପ୍ରସ୍ତୁତ କରାଯାଇଛି**

**ବ୍ରିଟିଶ ଐତିହାସିକ ଗ୍ରାଣ୍ଟ ଡଫ୍ ରାୟଗଡ଼ ଏବଂ ଜିବ୍ରାଲ୍ଟର ରକ୍ ମଧ୍ୟରେ ସମାନତା ଆଙ୍କିଥିବା ବେଳେ ରାୟଗଡ଼କୁ ପୂର୍ବର ଜିବ୍ରାଲ୍ଟର ବୋଲି ଆଖ୍ୟା ଦେଇଥିଲେ**

ଦକ୍ଷିନ କି ଏ ପାବନ ମିଟି ।
ଛତ୍ରପତି କେ ଚରଣ ଧୂଲ୍ କି ।।
ଶର ଝୁକତା ହେ ରାୟଗଡ ପର ।
ରାଜଧାନୀ ଯହେ ସରାଜ କି ।।
ଦୁର୍ଗରାଜ ରାୟଗଡ

ମହାରାଷ୍ଟ୍ରର ଉପତ୍ୟକା ଉପରେ ଅବସ୍ଥିତ ରାୟଗଡ ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ରାଜତ୍ୱର ପ୍ରତିଫଳନ ଦେଖିବାକୁ ମିଳୁଛି । ଏକଦା ତାଙ୍କର ସମୃଦ୍ଧ ମରାଠା ସାମ୍ରାଜ୍ୟର ରାଜଧାନୀ ଥିବା ଏହି ପାହାଡ଼ିଆ ଗଡ଼ ସାହସିକତା, ଅଭିନବତା ଏବଂ ବୀରତ୍ୱର କାହାଣୀ ବହନ କରୁଛି। ରାୟଗଡର ପ୍ରତ୍ୟେକ ପଥର ଶିବାଜୀ ମହାରାଜଙ୍କ ଅଦ୍ଭୁତ ସାହସ, ଦୂରଦୃଷ୍ଟି ଓ କୌଶଳର ପ୍ରତିଫଳନ, ଯାହାଙ୍କ ନେତୃତ୍ୱ ଏହି ଦୁର୍ଗକୁ ଶକ୍ତିର ପ୍ରତୀକରେ ପରିଣତ କରିଥିଲା । ଆଜି ଏହା ଏକ ସାମ୍ରାଜ୍ୟର ଇତିହାସକୁ ଆକାର ଦେଇଥିବା ଅସାଧାରଣ କାର୍ଯ୍ୟଗୁଡ଼ିକୁ ପିଢ଼ି ପରେ ପିଢ଼ିକୁ ମନେ ପକାଇ ଦେଉଛି ।

ଛତ୍ରପତି ଶିବାଜୀ ମହାରାଜ କିପରି ମରାଠା ସାମ୍ରାଜ୍ୟର ରାଜଧାନୀ ଭାବରେ ରାୟଗଡ ଦୁର୍ଗକୁ ଚୟନ କରିଥିଲେ ତାହା 'ସଭାସାଦ ବଖାର' (ପ୍ରାଚୀନ ଚିଠି) ପ୍ରତିଫଳିତ କରେ । ଏଥିରେ ଉଲ୍ଲେଖ ରହିଛି, 'ଛତ୍ରପତି ଶିବାଜୀ ମହାରାଜ ଏହି ପାହାଡ଼ ବା ରାଇରିର ସାମର୍ଥ୍ୟକୁ ଦେଖିଥିଲେ, ଯେଉଁଠାରେ ତୀଖ ପାହାଡ଼ ରହିଛି ଏବଂ ଏହା ଏହି ଅଞ୍ଚଳର ସମସ୍ତ ପର୍ବତ ଏବଂ ପାହାଡ଼ ମଧ୍ୟରୁ ସବୁଠାରୁ ଉଚ୍ଚ। ପଥରର ନିରବଚ୍ଛିନ୍ନ ଏବଂ ଅଖଣ୍ଡ ପ୍ରକୃତି ଏକ ବଡ଼ ସମ୍ଭାବନା ଥିଲା । ଦୌଲତାବାଦର ଦୁର୍ଗ ମଧ୍ୟ ଏକ ଭଲ ଦୁର୍ଗ, କିନ୍ତୁ ଏହା ରାୟଗଡ ଭଳି ଭଲ ନୁହେଁ, ଯେତିକି ଉଚ୍ଚ ଏବଂ ଉତ୍ତମ, ତେଣୁ ରାଜାଙ୍କ ପାଇଁ ରାଜଧାନୀ ଏବଂ ସିଂହାସନ ଭଳି ଅଧିକ ଉପଯୁକ୍ତ ହେବ ।

କଲ ଏବଂ ଗାନ୍ଧାରୀ ନଦୀ ଉପତ୍ୟକା ଦ୍ୱାରା ଘେରି ରହିଥିବା ରାୟଗଡ ପଡ଼ୋଶୀ ପାହାଡ ସହିତ ସଂଯୋଗ ବିହୀନ ଏକ ବିଚ୍ଛିନ୍ନ ପର୍ବତର ଶୃଙ୍ଗ ଭାବରେ ଠିଆ ହୋଇଛି । ଏହାର ଅଦମ୍ୟ ପ୍ରକୃତି, ଯେଉଁଥିରେ ତୀଖ ପାହାଡ଼ ଏବଂ ୧୫୦୦ ଫୁଟ ଉଚ୍ଚତା ବିଶିଷ୍ଟ ତୀଖ ଭଳି ଭୌତିକ ବୈଶିଷ୍ଟ୍ୟ ରହିଛି, ଅଭିନବ ସାମରିକ ପ୍ରତିରକ୍ଷା କୌଶଳ ଦ୍ୱାରା ଦର୍ଶାଯାଇଛି ।

ମରାଠା ଯୁଗର ବ୍ରିଟିଶ ଐତିହାସିକ ଗ୍ରାଣ୍ଟ ଡଫ୍ ରାୟଗଡ ଏବଂ ଜିବ୍ରାଲଟର ରକ୍ ମଧ୍ୟରେ ସାମଞ୍ଜସ୍ୟ ରଖିଛନ୍ତି । ସେ ରାୟଗଡକୁ ପୂର୍ବର ଜିବ୍ରାଲଟର ବୋଲି ଆଖ୍ୟା ଦେବା ପର୍ଯ୍ୟନ୍ତ ଯାଇଛନ୍ତି ।

'ଭାରତର ମରାଠା ସାମରିକ ଦୃଶ୍ୟ' ଶୀର୍ଷକରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ପାଇଁ ମନୋନୀତ ହୋଇଥିବା ୧୨ଟି ଦୁର୍ଗ ମଧ୍ୟରୁ ରାୟଗଡ଼ର ଦୁର୍ଗ ଅନ୍ତର୍ଭୁକ୍ତ । ମନୋନୀତ ୧୨ଟି ଦୁର୍ଗ ମଧ୍ୟରୁ ରାୟଗଡ଼ ହେଉଛି ମରାଠା ସ୍ଥାପତ୍ୟର ଉତ୍କୃଷ୍ଟ ଉଦାହରଣ ଏବଂ ଏକ ପାହାଡ଼ ଉପରେ ରାଜଧାନୀ ଦୁର୍ଗର ସର୍ବୋତ୍ତମ ପ୍ରତିନିଧିତ୍ୱ, ଯାହା କିଲ୍ଲା ଭିତରେ ଥିବା ସବୁଠାରୁ ବିକଶିତ ଢାଞ୍ଚା ସହିତ ପାହାଡ଼ର ଭୌତିକ ବିଜ୍ଞାନ ସହିତ ଭଲ ଭାବରେ ସମନ୍ୱିତ ।

ଗୁଜୁରାଟର କେଭାଡିଆରେ ଚଳିତ ବର୍ଷର ରାଷ୍ଟ୍ରୀୟ ଏକତା ଦିବସ ପାଳନର ପୃଷ୍ଠଭୂମିର ବିଷୟବସ୍ତୁ ହେଉଛି ରାୟଗଡ଼ ଦୁର୍ଗ । ଛତ୍ରପତି ଶିବାଜୀ ମହାରାଜଙ୍କ ଅବିଶ୍ୱସନୀୟ ବୀରତ୍ୱ, ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଅଭିନବ ଯୁଦ୍ଧ କୌଶଳର କାହାଣୀକୁ ପ୍ରଦର୍ଶିତ କରିବା ପାଇଁ କେଭାଡିଆରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ ସ୍ଥଳରେ ରାୟଗଡ଼ ଦୁର୍ଗର ଏକ ପ୍ରତିକୃତି ପ୍ରସ୍ତୁତ କରାଯାଇଛି ।

ରାୟଗଡ ଦୁର୍ଗର ଇତିହାସ

୧୬୫୩ ଖ୍ରୀଷ୍ଟାବ୍ଦରେ ରାୟଗଡ (ସେତେବେଳେ ରାଇରି ନାମରେ ପରିଚିତ) କୁ ମରାଠା ସେନା ମୋରେସ୍ କବଳରୁ ଦଖଲ କରିଥିଲା । ଏହି ଦୁର୍ଗକୁ ରାଜଧାନୀ କରିବା ପାଇଁ ଶିବାଜୀ ମହାରାଜ ଏହି ଦୁର୍ଗର ପୁନଃନିର୍ମାଣ କାର୍ଯ୍ୟ ହିରୋଜି ଇନ୍ଦୁଲକରଙ୍କୁ ଦେଇଥିଲେ । ୧୬୭୪ ମସିହା ଜୁନ୍ ୬ ତାରିଖରେ ଶିବାଜୀ ମହାରାଜଙ୍କ ରାୟଗଡ ପୋଷ୍ଟରେ ଏକ ଭବ୍ୟ ରାଜ୍ୟାଭିଷେକ ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସେ 'ଛତ୍ରପତି' ଉପାଧି ଲାଭ କରିଥିଲେ । ଏହି ଦୁର୍ଗ ଛତ୍ରପତି ଶିବାଜୀ ମହାରାଜଙ୍କ ଦ୍ୱିତୀୟ ରାଜଧାନୀ ଭାବରେ କାର୍ଯ୍ୟ କରିଥିଲା ଏବଂ ମରାଠା ରାଜ୍ୟର ପ୍ରଶାସନ ଏବଂ ସମ୍ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।




ରାୟଗଡ ଦୁର୍ଗ ମହାରାଷ୍ଟ୍ରର ଗୌରବମୟ ଅତୀତର ନୀରବ ସ୍ମୃତି ଭାବରେ ଠିଆ ହୋଇଛି ଏବଂ ଏହା ଦୁର୍ଗରାଜ (ଦୁର୍ଗର ରାଜା) ଭାବରେ ପରିଚିତ । ବିଭିନ୍ନ ସ୍ଥାନରେ ଏହାକୁ 'ଶିବ ତୀର୍ଥ'ର ବିଶ୍ୱାସ ଦିଆଯାଇଛି । ଏହି ଦୁର୍ଗ ଶିବଭକ୍ତମାନଙ୍କ ପାଇଁ ଏକ ପବିତ୍ର ପୀଠର ମାନ୍ୟତା ଲାଭ କରିଛି କାରଣ ହଜାର ହଜାର ଲୋକ କେବଳ ଏହାର ଐତିହ୍ୟ ଚରିତ୍ର ପାଇଁ ଏବଂ ଏହା ଏକ ଉପଯୁକ୍ତ ପ୍ରତିରକ୍ଷା ସ୍ଥାପତ୍ୟର ନମୁନା ନୁହେଁ ବରଂ ସେମାନଙ୍କର ଆଦର୍ଶ ଛତ୍ରପତି ଶିବାଜୀ ମହାରାଜଙ୍କ ସ୍ଥାନ ହେବା ପାଇଁ ମଧ୍ୟ ଭିଡ଼ ଜମାଇଛନ୍ତି, ଯିଏ କି ବୀରତା, ସାହସ, ଉଦାରତା ଏବଂ ଦେଶଭକ୍ତି, ପ୍ରଶାସନିକ ଦକ୍ଷତା ପାଇଁ ଜଣାଶୁଣା। । ଖ୍ରୀଷ୍ଟିଆନ ଏବଂ ହିନ୍ଦୁ କ୍ୟାଲେଣ୍ଡର ଆଧାରରେ ଶିବରାଜଭିଷେକଙ୍କ ବାର୍ଷିକୀ ବହୁତ ଉତ୍ସାହର ସହ ପାଳନ କରାଯାଏ ଯାହା ମହାରାଷ୍ଟ୍ରର ବିଭିନ୍ନ ପ୍ରାନ୍ତରୁ ପ୍ରବଳ ଜନସମାଗମକୁ ଆକର୍ଷିତ କରେ । ସେହିପରି ଶିବାଜୀ ମହାରାଜଙ୍କ ଶ୍ରାଦ୍ଧ ବାର୍ଷିକୀକୁ ମଧ୍ୟ ଅତି ଶ୍ରଦ୍ଧାର ସହ ପାଳନ କରାଯାଏ ।

ଏଠାରେ ଶିବାଜୀ ମହାରାଜ ସପ୍ତଦଶ ଶତାବ୍ଦୀରେ (୧୬୭୪ ଖ୍ରୀଷ୍ଟାବ୍ଦ) ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ଶିବାଜୀ ମହାରାଜ ୧୬୫୬ ଖ୍ରୀଷ୍ଟାବ୍ଦରେ ଚନ୍ଦ୍ରରାଓ ମୋରେଙ୍କଠାରୁ ଏହି ଦୁର୍ଗକୁ ଅକ୍ତିଆର କରିଥିଲେ । ଏହାର ରଣନୈତିକ ଅବସ୍ଥିତି ଏବଂ ଅପହଞ୍ଚତାକୁ ଦୃଷ୍ଟିରେ ରଖି ଏହାକୁ ହିନ୍ଦବୀ ସରାଜର ରାଜଧାନୀ ପାଇଁ ସବୁଠାରୁ ଉପଯୁକ୍ତ ବୋଲି ବିବେଚନା କରାଗଲା । ପାହାଡ଼ର ଗୋଟିଏ ପାର୍ଶ୍ୱରୁ ହିଁ ପାହାଡ଼ ଉପରକୁ ପ୍ରବେଶ କରାଯାଇପାରିବ । ଶିବାଜୀ ମହାରାଜ ୧୬୮୦ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ପର୍ଯ୍ୟନ୍ତ ୬ ବର୍ଷ ଧରି ରାୟଗଡ଼ ଦୁର୍ଗରୁ ହିନ୍ଦବୀ ସରାଜ ଶାସନ କରିଥିଲେ । ରାୟଗଡ ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ସମାଧି ରହିଛି ।

ରାୟଗଡ଼ ଦୁର୍ଗ ଚମତ୍କାର ଭାବରେ ଡିଜାଇନ୍ କରାଯାଇଥିବା ଗେଟ୍, ଦୁର୍ଗୀକରଣ କାନ୍ଥ ଏବଂ ଆକର୍ଷଣୀୟ ସ୍ଥାରକୀ ପାଇଁ ଉଲ୍ଲେଖନୀୟ ଅଟେ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଶିବାଜୀ ମହାରାଜଙ୍କ ସମାଧି ବ୍ୟତୀତ ନକ୍କର ଖାନା, ସିରକାଇ ଦେବୀ ମନ୍ଦିର, ଜଗଦୀଶେଶ୍ୱର ମନ୍ଦିର - ଭଗବାନ ଶିବଙ୍କୁ ସମର୍ପିତ ଏକ ମନ୍ଦିର - ଦୁର୍ଗ ମଧ୍ୟରେ ଅବସ୍ଥିତ ଅଧିକାଂଶ ନିର୍ମାଣ, ଯେଉଁଥିରେ ହଲ୍ ଅଫ୍ ପବ୍ଲିକ୍ ଅଡିୟନ୍ସ (ରାଜସଦର), ରୟାଲ କମ୍ପ୍ଲେକ୍ସ, ରାଣୀଙ୍କ ମହଲ (ରାଣୀଭାସ), ବଜାରପେଠ, ମନୋର (ଆନନ୍ଦ ମଣ୍ଡପ), ୱାଡେଶ୍ୱର ମନ୍ଦିର, ଖୁବଲଦା ବୁର୍ଜ, ମାସିଦ ମୋର୍ଚ୍ଚା, ନାନେ ଦରୱାଜା ଆଦି ସଂରକ୍ଷଣ ଅବସ୍ଥା ଖରାପ ରହିଛି।

ରାଜକୀୟ ସୌଧ : ରାଣୀବାସା, ରାଜସଦର, ନକ୍କରଖାନା, ମେନା ଦରୱାଜା ଏବଂ ପାଲଖୀ ଦରୱାଜାକୁ ନେଇ ଗଠିତ ରୟାଲ କମ୍ପ୍ଲେକ୍ସ କେବଳ ତିନୋଟି ପ୍ରବେଶ ପଥ ମାଧ୍ୟମରେ ସୁରକ୍ଷିତ ଏବଂ ଉପଲବ୍ଧ: ନକ୍କରଖାନା, ମେନା ଦରୱାଜା ଏବଂ ପାଲଖୀ ଦରୱାଜା । ଏହି ଫର୍ଟିଫାଇଡ୍ କମ୍ପ୍ଲେକ୍ସକୁ ସାଧାରଣତଃ ବାଲେ କିଲ୍ଲା (ଦୁର୍ଗ) ବୋଲି କୁହାଯାଏ । ବାଲେ କିଲ୍ଲା ନିକଟରେ ତିନୋଟି ସୁନ୍ଦର ଟାୱାର ରହିଛି । ଗୋଟିଏ ଉତ୍ତରରେ ଅବସ୍ଥିତ ହୋଇଥିବା ବେଳେ ଅନ୍ୟ ଦୁଇଟି ଦୁର୍ଗ କାନ୍ଥର ପୂର୍ବ ଦିଗରେ ଅବସ୍ଥିତ । ତିନି ମହଲା ବିଶିଷ୍ଟ ଟାୱାର (ମନୋର) ଡିଜାଇନରେ ଅତ୍ୟଧିକ ଅଳଙ୍କାରଯୁକ୍ତ ଏବଂ ମୂଳତଃ ଆନନ୍ଦ ମଣ୍ଡପ ଭାବରେ କାର୍ଯ୍ୟ କରୁଥିବା ଜଣାପଡିଛି । ଉପଯୁକ୍ତ ଡ୍ରେନେଜ୍ ସହ ସଂଯୁକ୍ତ ଶୌଚାଳୟ ଉଲ୍ଲେଖନୀୟ। ପୂର୍ବ ଦିଗରେ ଏକ ଭୂତଳ ସେଲର (ଖାଲବତ ଖାନା) ଅବସ୍ଥିତ, ଯାହା ସମ୍ଭବତଃ ଗୁପ୍ତ ସଭା, ବ୍ୟକ୍ତିଗତ ପୂଜା ଏବଂ ଏକ କୋଷାଗାର ଭାବରେ ବ୍ୟବହୃତ ହେଉଥିଲା ।

ରାଜସଦର (ହଲ୍ ଅଫ୍ ପବ୍ଲିକ୍ ଅଡିୟନ୍ସ): ଏଠାରେ ଶିବାଜୀ ମହାରାଜ ନିତିଦିନିଆ ମାମଲାରେ ନ୍ୟାୟ ପ୍ରଦାନ କରିବା ଏବଂ ବିଶିଷ୍ଟ ବ୍ୟକ୍ତି ଓ ଦୂତମାନଙ୍କୁ ସ୍ୱାଗତ କରିବା ପାଇଁ ତାଙ୍କ ଦରବାର (ଦରବାର) ଆୟୋଜନ କରୁଥିଲେ। ଏହା ପୂର୍ବ ଦିଗରେ ଥିବା ଏକ ଆୟତାକାର ଢାଞ୍ଚା । ଏହାକୁ ପୂର୍ବ ଦିଗରୁ ଏକ ଭବ୍ୟ ପ୍ରବେଶ ଦ୍ୱାର ଦେଇ ଆଗେଇ ନିଆଯାଇପାରେ ଯାହାକୁ ସାଧାରଣତଃ ନକରଖାନା କୁହାଯାଏ । ପ୍ରବେଶ ଦ୍ୱାର ହେଉଛି ରାଜ ସିଂହାସନ ସମ୍ମୁଖରେ ଥିବା ଏକ ଉଚ୍ଚ ତିନି ମହଲା ବିଶିଷ୍ଟ ଢାଞ୍ଚା । ଉପର ମହଲା ଇଟାରେ ନିର୍ମିତ ହୋଇଥିବା ବେଳେ ତଳ ମହଲା ପଥର ଖଣ୍ଡରେ ନିର୍ମିତ ହୋଇଛି। ବିଶ୍ୱାସ କରାଯାଏ ଯେ ନକ୍କରଖାନାରେ ଏକ ରାଜକୀୟ ବ୍ୟାଣ୍ଡ ବଜାଉଥିଲା । ଏହା ଆଶ୍ଚର୍ଯ୍ୟଜନକ ଶବ୍ଦୀୟ ଗୁଣ ଥିବା ସ୍ଥାପତ୍ୟର ଏକ ଉତ୍କୃଷ୍ଟ ଉଦାହରଣ । ନକରଖାନା ଓ ରାଜ ସିଂହାସନ ମଧ୍ୟରେ ଦୂରତା ପ୍ରାୟ ୬୫ ମିଟର, ତଥାପି ସାମାନ୍ୟତମ ଚିତ୍କାର ମଧ୍ୟ ଉଭୟ ପାର୍ଶ୍ୱରୁ ସ୍ୱଷ୍ଟ ଭାବରେ ଶୁଣିବାକୁ ମିଳେ । ଶିବାଜୀ ମହାରାଜଙ୍କ ସୁଖ, ଦୁଃଖ, କ୍ରୋଧ, ବିଜୟ, ପ୍ରଶାସନିକ ଜ୍ଞାନ ଓ ଅତ୍ୟଧିକ ଉଦାରତାର ମୂକ ସାକ୍ଷୀ ହେଉଛନ୍ତି ରାଜସଦର ।

ମୁଖ୍ୟ ପ୍ଲାଟଫର୍ମରେ ସିଂହାସନର ମୂଳ ସ୍ଥାନ ଉପରେ ଛତ୍ରପତି ଶିବାଜୀ ମହାରାଜଙ୍କ ଏକ ପ୍ରତିମୂର୍ତ୍ତି ସହିତ ଏକ ଅଷ୍ଟକୋଣୀୟ ମେଘଦାମ୍ବରୀ (ଅଳଙ୍କାର ଛାତ) ରହିଛି । ହୀରା ଓ ସୁନାରେ ଭର୍ତ୍ତି ରାଜ ସିଂହାସନ ପ୍ରାୟ ୧୦ କିଲୋଗ୍ରାମ ଓଜନର ୮ ସ୍ତମ୍ଭ ସୁନା ଉପରେ ରହିଥିଲା ବୋଲି ରେକର୍ଡ କରାଯାଇଛି। ଏଥିରେ ଶିବାଜୀ ମହାରାଜଙ୍କ ରାଜକୀୟ ଚିହ୍ନ ମଧ୍ୟ ରହିଥିଲା । ସିଂହାସନ ଉପରେ ଥିବା ଛତା ମୂଲ୍ୟବାନ ପଥର ଏବଂ ମୋତିର ତାରରେ ସଜ୍ଜିତ ଥିଲା ।

ହୋଲିଚା ମଲ: ଏହା ନକରଖାନା ବାହାରେ ଅବସ୍ଥିତ । ଏହା ଏକ ବିସ୍ତୃତ ଖୋଲା ପଡ଼ିଆ ଯାହା ବାର୍ଷିକ ହୋଲି ପର୍ବ ପାଇଁ ବ୍ୟବହୃତ ହେଉଥିଲା । ହୋଲିଚା ମାଲର ପଶ୍ଚିମ ପରିସରରେ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ଶିରକାଇ ଭବାନୀଙ୍କୁ ସମର୍ପିତ ଏକ ଛୋଟ ମନ୍ଦିର ରହିଛି । ଏହା ବିଶ୍ୱାସ କରାଯାଏ ଯେ ଅଧିଷ୍ଠାତ୍ରୀ ଦେବୀଙ୍କୁ ପ୍ରଥମେ ହୋଲିଚା ମଲ୍ ର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ଏକ ଉଚ୍ଚ ପଥର ସ୍ଥାନରେ ରଖାଯାଇଥିଲା, ଯାହା ପରେ ଏହାର ବର୍ତ୍ତମାନର ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା । ହୋଲିଚା ମାଲର ଉତ୍ତରରେ, ଏକ ବିଶାଳ ଏବଂ ସୁନିର୍ଦ୍ଦିଷ୍ଟ ସମାନ୍ତରାଳ ଢାଞ୍ଚାଗତ ୟୁନିଟ୍ ରହିଛି, ଯାହାକୁ ସାଧାରଣତଃ ବଜାର ପେଠ କୁହାଯାଏ । ଏହି କମ୍ପ୍ଲେକ୍ସର ପ୍ରତ୍ୟେକ ୟୁନିଟ୍ ସମ୍ମୁଖରେ ଗୋଟିଏ ବାରଣ୍ଡା ଏବଂ ପଛରେ ଦୁଇଟି ବ୍ୟାକ୍-ଟୁ-ବ୍ୟାକ୍ ରୁମ୍ ରହିଛି। ଅର୍ଦ୍ଧପୋଷାକ ପିନ୍ଧିଥିବା ବାସାଲ୍ଟ ପଥର ଖଣ୍ଡ ଏବଂ ଅଦୃଶ୍ୟ ଭଗ୍ନାବଶେଷ ପଥରରୁ ପ୍ଲିନ୍ଥ ଏବଂ କାନ୍ଥ ନିର୍ମାଣ କରାଯାଏ, ଯେଉଁଥିରେ ଚୂନା ସର୍ବଦା ମୋର୍ଟାର ଭାବରେ ବ୍ୟବହୃତ ହୁଏ ।

ଜଗଦୀଶ୍ୱର ମନ୍ଦିର: ପୂର୍ବ ଦିଗରେ ଥିବା ଏହି ମନ୍ଦିରର ସମ୍ମୁଖରେ ମଣ୍ଡପ ଓ ପଛ ପଟେ ଗର୍ଭଗୃହ ରହିଛି। କମ୍ ଉଚ୍ଚତା ବିଶିଷ୍ଟ ପ୍ରବେଶ ପଥ ଦେଇ ମନ୍ଦିର ଭିତରକୁ ପ୍ରବେଶ କରାଯାଇପାରିବ। ଗର୍ଭଗୃହରେ ଏକ ଶିବ ଲିଙ୍ଗ ରହିଛି ଯାହାର ପୂଜା ଏବେ ବି ଚାଲିଛି। ମନ୍ଦିରର ଆଭ୍ୟନ୍ତରୀଣ କାନ୍ଥରେ କୌଣସି କାରୁକାର୍ଯ୍ୟ ନାହିଁ। ତଥାପି, ଏହି ଉନ୍ନତମାନର ନିର୍ମାଣକୁ ସୁନ୍ଦର ଭାବରେ ଖୋଦିତ ବ୍ରେକେଟ୍ ଦ୍ୱାରା ସମର୍ଥିତ କରାଯାଏ ।

ଛତ୍ରପତି ଶିବାଜୀ ମହାରାଜଙ୍କ ସମାଧି: ମନ୍ଦିର ନିକଟରେ ଛତ୍ରପତି ଶିବାଜୀ ମହାରାଜଙ୍କ ସମାଧି ଜଗଦୀଶେଶ୍ୱର ମନ୍ଦିରର ପୂର୍ବ ପ୍ରବେଶ ଦ୍ୱାରର ପ୍ରାୟ ବିପରୀତରେ ଅବସ୍ଥିତ । ପ୍ରଥମେ ସମାଧିରେ କେବଳ କମ୍ ଉଚ୍ଚତା ବିଶିଷ୍ଟ ଅଷ୍ଟଭୁଜ ଆକାରର ପ୍ଲାଟଫର୍ମ ଥିଲା । କିନ୍ତୁ, ବେଳେବେଳେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କେବଳ ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି କରାଯାଇନଥିଲା ବରଂ ସେହି ସ୍ଥାନରେ ଏକ ଛାତ ମଧ୍ୟ ନିର୍ମାଣ କରାଯାଇଥିଲା ।

ପାଦଦେଶରେ, ରାଇଗଡୱାଡି ଗ୍ରାମ ନିକଟରେ, ଚିତ୍ତ ଦ୍ୱାରଠାରେ ଅବସ୍ଥିତ । ଏହାକୁ ସ୍ଥାନୀୟ ଅଞ୍ଚଳରେ ଜିତ ଦରୱାଜା ମଧ୍ୟ କୁହାଯାଏ । ପାଖାପାଖି ୭୦-୮୦ ମିଟର ପାଦରେ ଚାଲିକରି ଯିବା ପରେ ସେଠାରେ ରହିଛି ଖୁବ ଲଦା ବୁର୍ଜ । ଏହା ଏକ ରଣନୈତିକ ଦୃଷ୍ଟିକୋଣରୁ ଅବସ୍ଥିତ ଟାୱାର ଯେଉଁଠାରୁ ଦୁର୍ଗ ନିକଟକୁ ଆସୁଥିବା ଯେ କୌଣସି ବ୍ୟକ୍ତିଙ୍କୁ ସୁରକ୍ଷାକର୍ମୀ ମାନେ ସହଜରେ ଦେଖିପାରିବେ ।

ମାତୃଭାଷା



# ଦକ୍ଷିଣ ଆଫ୍ରିକା ଗସ୍ତରେ ଗମ୍ଭୀରଙ୍କ ସ୍ଥାନ ନେବେ ଲକ୍ଷ୍ମଣ

**ବର୍ଡର ଗାଭାସ୍କର ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଦଳ ସହିତ ଅଷ୍ଟ୍ରେଲିଆ ଗସ୍ତ କରିବେ ଗମ୍ଭୀର । ସେଥିପାଇଁ ଦକ୍ଷିଣ ଆଫ୍ରିକା ଯାଉଥିବା ଦଳରେ ଗମ୍ଭୀରଙ୍କ ସ୍ଥାନରେ ଲକ୍ଷ୍ମଣଙ୍କୁ ଗୁରୁଦାୟିତ୍ୱ ମିଳିଛି ।**



**ନୂଆଦିଲ୍ଲୀ, ୨୮।୧୦:** ନଭେମ୍ବର ୮ରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଅଭିଯାନ ଆରମ୍ଭ କରିବ ଭାରତ । ତେବେ ଏହି ସିରିଜ ପାଇଁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଦଳ ସହ ଦକ୍ଷିଣ ଆଫ୍ରିକା ଗସ୍ତ କରିବେ ନାହିଁ । ତାଙ୍କ ସ୍ଥାନରେ ଭିଭିଏସ୍ ଲକ୍ଷ୍ମଣ ଏହି ସିରିଜରେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ । ବାସ୍ତବରେ ବର୍ଡର ଗାଭାସ୍କର ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଦଳ ସହିତ ଅଷ୍ଟ୍ରେଲିଆ ଗସ୍ତ କରିବେ ଗମ୍ଭୀର । ସେଥିପାଇଁ ଦକ୍ଷିଣ ଆଫ୍ରିକା ଯାଉଥିବା ଦଳରେ ଗମ୍ଭୀରଙ୍କ ସ୍ଥାନରେ ଲକ୍ଷ୍ମଣଙ୍କୁ ଗୁରୁଦାୟିତ୍ୱ ମିଳିଛି ।

ଦକ୍ଷିଣ ଆଫ୍ରିକାରେ ଭାରତ ଯଥାକ୍ରମେ ୮, ୧୦, ୧୩ ଏବଂ ୧୫ ନଭେମ୍ବରରେ ଡର୍ବାନ୍, ଗାବେରା, ସେଞ୍ଚୁରିଅନ୍ ଏବଂ ଜୋହାନ୍ସବର୍ଗରେ ୪ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିବ । ଏହି ମ୍ୟାଚଗୁଡିକର କାର୍ଯ୍ୟସୂଚୀ ପରେ ସ୍ଥିର କରାଯାଇଥିଲା, ଯେଉଁଥିପାଇଁ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏହି ଯାତ୍ରା ପାଇଁ ଉପଲବ୍ଧ ହେବେ ନାହିଁ । କାରଣ ଭାରତର ଟେଷ୍ଟ ଦଳ ୧୦ କିମ୍ବା ୧୧ ନଭେମ୍ବରରେ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବ । ଟେଷ୍ଟ ଦଳ ସହ ଅଷ୍ଟ୍ରେଲିଆ ଗସ୍ତ କରିବେ ଗମ୍ଭୀର ।

ବେଙ୍ଗାଲୁରୁର ନ୍ୟାସନାଲ କ୍ରିକେଟ୍ ଏକାଡେମୀ (ଏନସିଏ)ରେ କାର୍ଯ୍ୟ କରୁଥିବା ସହଯୋଗୀ ଷ୍ଟାଫ ଅନ୍ୟ କୋଚ୍ ଲକ୍ଷ୍ମଣଙ୍କ ସହ ଦକ୍ଷିଣ ଆଫ୍ରିକା ଗସ୍ତ କରିବେ । ଅକ୍ଟୋବର ୨୫ (ଶୁକ୍ରବାର) ବୋର୍ଡ ଅଫ୍ କଣ୍ଟ୍ରୋଲ୍ ଫର୍ କ୍ରିକେଟ୍ ଅଫ୍ ଇଣ୍ଡିଆ (ବିସିସିଆଇ) ୪ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ୧୫ ଜଣିଆ ଦଳ ଘୋଷଣା କରିଛି ।

# କେଏଲ ରାହୁଲଙ୍କୁ ରିଲିଜ କଲା ଲକ୍ଷ୍ନୌ !

**ନୂଆଦିଲ୍ଲୀ, ୨୮।୧୦:** ଆସନ୍ତା ୨୦୨୫ ଆଇପିଏଲ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ଲକ୍ଷ୍ନୌ ସୁପର ଜିଆଣ୍ଟସ ବା ଏଲଏସ୍‌ଜି । ମେଗା ଅକ୍ସନ ପୂର୍ବରୁ ଫ୍ରାଞ୍ଚାଇଜ ବଡ଼ ନିଷ୍ପତ୍ତି

**ପୁରନ, ମୟଙ୍କ ଓ ବିଷ୍ଣୋଇଙ୍କୁ ରିଟେନ କରିବ**

ନେଇଛି । ଅକ୍ସନ ପୂର୍ବରୁ ଖେଳାଳି ରିଟେନ ଓ ରିଲିଜର ଶେଷ ତାରିଖ ହେଉଛି ଅକ୍ଟୋବର ୩୧ ରହିଛି । କିନ୍ତୁ ଏହାପୂର୍ବରୁ ଲକ୍ଷ୍ନୌ କେଏଲ ରାହୁଲଙ୍କୁ ରିଲିଜ କରି ଦେଇଥିବା ଜଣାପଡ଼ିଛି । ଏହାର ଅର୍ଥ ରାହୁଲ ଏଥର ମେଗା ଅକ୍ସନରେ ସାମିଲ ହେବେ ।

ଫ୍ରାଞ୍ଚାଇଜ ରାହୁଲଙ୍କୁ ରିଲିଜଜ କରିଥିବା ବେଳେ ୩ ଜଣ ଖେଳାଳିଙ୍କୁ ରଖିବାକୁ ନିଷ୍ପତ୍ତି ନେଇଛି । ସେମାନେ ହେଲେ ନିକୋଲସ୍ ପୂରନ, ମୟଙ୍କ ଯାଦବ ଓ ରବି ବିଷ୍ଣୋଇ । ଖାଲି



ସେତିକି ନୁହେଁ, ୨୦୨୫ରେ ପୂରନ ହିଁ ଏଲଏସଜିର ନେତୃତ୍ୱ ନେବେ ବୋଲି ଖବର ପ୍ରକାଶ ପାଇଛି । ପୂରନ ନିଜର ପାୱାର ହିଟିଂ ବ୍ୟାଟିଂ ପାଇଁ ବେଶ ଜଣାଶୁଣା । ସେ ୱିକେଟ କିପିଂ ମଧ୍ୟ କରିବାକୁ ସକ୍ଷମ ।

ଗତବର୍ଷ କେଏଲ ରାହୁଲଙ୍କ ଅନୁପସ୍ଥିତିରେ ପୂରନ କିଛି ମ୍ୟାଚ୍‌ରେ କ୍ୟାପଟେନ୍ସି ଭାର ସମ୍ଭାଳିଥିଲେ । ସେ ୱେଷ୍ଟଇଣ୍ଡିଜ ଟିମର ନେତୃତ୍ୱ ନେବାର ଅଭିଜ୍ଞତା ରଖିଛନ୍ତି । ତେଣୁ ଏହାକୁ ଲକ୍ଷ୍ନୌ ଆଇପିଏଲରେ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି ।

ପୂରନଙ୍କ ବ୍ୟତୀତ ସ୍ପିଡଷ୍ଟର ମୟଙ୍କ ଯାଦବ ଓ ଲେଗ ସ୍ପିନର ରବି ବିଷ୍ଣୋଇଙ୍କୁ ମଧ୍ୟ ଲକ୍ଷ୍ନୌ ନିଜ ପାଖରେ ରଖିବ ବୋଲି ଫ୍ରାଞ୍ଚାଇଜର ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି ସୂଚନା ଦେଇଛନ୍ତି ।

୨୦୨୩ରେ ଏଲଏସ୍‌ଜି ୧୬ କୋଟି ଟଙ୍କାରେ ପୂରନଙ୍କୁ କିଣିଥିଲା । ସେହି ବର୍ଷ ସେ ଲିଗ୍ ?ର ସବୁଠାରୁ ଦାମୀ ଖେଳାଳି ରହିଥିଲେ । ପୂରନ ୨୯ ବର୍ଷ ବୟସ୍କ ପୂରନ ୨୦୧୭ରେ ମୁମ୍ବାଇକୁ ୩୦ ଲକ୍ଷ ଟଙ୍କାରେ ଆସିଥିଲେ । ଏହାପରେ ସେ ହାଇଦ୍ରାବାଦ ଓ ଶେଷରେ ୧୬ କୋଟି ଟଙ୍କାରେ ଲକ୍ଷ୍ନୌ ସହ ରହିଛନ୍ତି ।

ଏହି ୩ ଖେଳାଳିଙ୍କ ବ୍ୟତୀତ ଲକ୍ଷ୍ନୌ ବାମହାତୀ ଦ୍ରୁତ ବୋଲର ମୋହସିନ ଖାନ ଓ ମଧ୍ୟକ୍ରମ ବ୍ୟାଟର ଆୟୁଷ ବଦୋନିଙ୍କୁ ମଧ୍ୟ ରିଟେନ କରିପାରେ ।

# ପାକିସ୍ତାନ ଦଳର କୋଚ୍ ପଦ ଛାଡ଼ିଲେ ଗ୍ୟାରୀ କିର୍ଷ୍ଟେନ

**ଇସଲାମାବାଦ, ୨୮।୧୦:** ପାକିସ୍ତାନ କ୍ରିକେଟରେ ପ୍ରତିଦିନ କିଛି ନା କିଛି ନୂଆ ଡ୍ରାମା ଦେଖିବାକୁ ମିଳୁଛି । ବୋର୍ଡ ଗତକାଲି ସୀମିତ ଓଭର କ୍ରିକେଟରେ ମହମ୍ମଦ ରିଜୱାନଙ୍କୁ ନୂଆ ଅଧିନାୟକ



ଭାବେ ଘୋଷଣା କରୁ କରୁ ଆଜି ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଛାଡ଼ିଛନ୍ତି ଗ୍ୟାରୀ କିର୍ଷ୍ଟନ୍ । ପାକିସ୍ତାନର ସୀମିତ ଓଭର କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ତାଙ୍କର ଚୁକ୍ତି ୨ ବର୍ଷର ଥିଲା, ହେଲେ ମାତ୍ର ୬ ମାସରେ ପିସିବି ସହ ସବୁ ସମ୍ପର୍କ ଶେଷ କରିଛନ୍ତି ଏହି ଦକ୍ଷିଣ ଆଫ୍ରିକୀୟ କ୍ରିକେଟ କିମ୍ବଦନ୍ତୀ ।

ରିପୋର୍ଟ ଅନୁଯାୟୀ, ଗ୍ୟାରୀ କିର୍ଷ୍ଟନ୍ ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମଧ୍ୟରେ ବିଭିନ୍ନ ନିଷ୍ପତ୍ତିରେ ବାରମ୍ବାର ଅସହମତି ପ୍ରକାଶ ପାଇଥିଲା । ଏପରିକି ଅଷ୍ଟ୍ରେଲିଆ ଓ ଜିମ୍ବାୱେ ବିପକ୍ଷ ସିରିଜ ପାଇଁ ସୋମବାର ଘୋଷଣା କରାଯାଇଥିବା ଦଳରେ ମଧ୍ୟ ତାଙ୍କର ପରାମର୍ଶ ଗ୍ରହଣ କରାଯାଇନାହିଁ । ଏତିକି ନୁହେଁ, ଯେତେବେଳେ ମହମ୍ମଦ ରିଜୱାନଙ୍କୁ ସୀମିତ ଓଭର କ୍ରିକେଟ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଗଲା, ସେତେବେଳେ ମଧ୍ୟ କିର୍ଷ୍ଟନ ପାକିସ୍ତାନରେ ନଥିଲେ । ଏହିସବୁ କାରଣରୁ କିର୍ଷ୍ଟନ୍ ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଥିବା କୁହାଯାଉଛି । ତେବେ ଏପର୍ଯ୍ୟନ୍ତ ଏହି ଦକ୍ଷିଣ ଆଫ୍ରିକୀୟ କ୍ରିକେଟ ପ୍ରଶିକ୍ଷକ ନିଜେ ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହାର ଅଫିସିଆଲ୍ ସୋଶାଲ୍ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ଲେଖିଛି ଯେ ଗ୍ୟାରୀ କିର୍ଷ୍ଟନ୍ ତାଙ୍କ ଇସ୍ତଫା ପତ୍ର ଦାଖଲ କରିଛନ୍ତି, ଯାହା ଗ୍ରହଣ କରାଯାଇଛି । ଏହା ବ୍ୟତୀତ ଅଷ୍ଟ୍ରେଲିଆ ଗସ୍ତ ପାଇଁ ନୂଆ କୋଚ୍ ମଧ୍ୟ ଘୋଷଣା କରିଛି ବୋର୍ଡ । ପିସିବି ଲେଖିଛି, 'ଜାସନ୍ ଗିଲ୍ସପି ଆସନ୍ତା ମାସରେ ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ପାକିସ୍ତାନ ପୁରୁଷ କ୍ରିକେଟ୍ ଦଳର କୋଚ୍ ହେବେ ।'

ଆଇପିଏଲ୍ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସଠାରୁ ପୃଥକ ହେବା ପରେ ଗ୍ୟାରୀ କିର୍ଷ୍ଟନଙ୍କୁ ଏପ୍ରିଲ ୨୮, ୨୦୨୪ରେ ଦୁଇ ବର୍ଷ ପାଇଁ ପାକିସ୍ତାନ କ୍ରିକେଟ୍ ଦଳର ସୀମିତ ଓଭର ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଥିଲା ପିସିବି । କିର୍ଷ୍ଟନ୍ କୋଚ୍ ହେବା ପରେ ପରେ ଆୟର୍ଲ୍ୟାଣ୍ଡ ବିପକ୍ଷରେ ୨-୧ରେ ଟି୨୦ ସିରିଜ୍ ଜିତିଥିଲା ପାକିସ୍ତାନ । ଏହାପରେ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜକୁ ୦-୨ରେ ହାରିବା ସହ ଜୁନ୍ ମାସରେ ୱେଷ୍ଟଇଣ୍ଡିଜ୍ ଏବଂ ଆମେରିକାରେ ଆୟୋଜିତ ଟି୨୦ ବିଶ୍ୱକପରେ ସୁପର-୮କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା ଦଳ । ପାକିସ୍ତାନର ଏଭଳି ପ୍ରଦର୍ଶନ ପାଇଁ ଦଳର ମୁଖ୍ୟ ପ୍ରଶିକ୍ଷକ ଥିବା କିର୍ଷ୍ଟନଙ୍କୁ ମଧ୍ୟ ଖୁବ୍ ସମାଲୋଚନାର ସାମ୍ନା କରିବାକୁ ପଡ଼ିଥିଲା ।

**ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ**

# ଭାରତ ରାସ୍ତାରେ ପାକିସ୍ତାନ କଣ୍ଟା

**ମୁମ୍ବାଇ, ୨୮।୧୦:** ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ସମୀକରଣ । ପଏଣ୍ଟ ଟେବୁଲରେ ବଡ଼ ପରିବର୍ତ୍ତନ । ଭାରତ-ଅଷ୍ଟ୍ରେଲିଆକୁ ଛାଡ଼ି ଫାଇନାଲ୍ ରେସ୍‌ରେ ୪ ଦଳ । ଟିମ୍ ଇଣ୍ଡିଆର ବାଟ ହୁଡ଼ିବ ପାକିସ୍ତାନ । ୩୬ ବର୍ଷ ପରେ ଭାରତ ମାଟିରେ ଭାରତ ଉପରେ ବିଜୟ ହାସଲ ଏବଂ ୧୨ ବର୍ଷରେ ନ୍ୟୁଜିଲାଣ୍ଡର ଟେଷ୍ଟ ଶୃଙ୍ଖଳା କବଜା, ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ସିନେରିଓରେ ବଡ଼ ପରିବର୍ତ୍ତନ ଆଣିଛି । ଭାରତ ଲଗାତାର ଦୁଇଟି ମ୍ୟାଚ୍ ହାରିବା ପରେ ଡବ୍ଲୁଟିସି ସମୀକରଣ ବଦଳିଯାଇଛି । ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଥିବା ମଧ୍ୟ ଟିମ୍ ଇଣ୍ଡିଆର ଫାଇନାଲ୍ ଖେଳିବା ଆଶା ମୁସ୍କିଲ୍ ହୋଇଛି । କାରଣ ସେପଟେ ଘରୋଇ ମାଟିରେ ଇଂଲଣ୍ଡକୁ ମାତ୍ ଦେଇ ପାକିସ୍ତାନ ଧୀରେ ଧୀରେ ଡବ୍ଲୁଟିସି ଫାଇନାଲ୍ ରାସ୍ତା ସଫା କରୁଛି ।

ଟିମ୍ ଇଣ୍ଡିଆ ପୁଣେ ଟେଷ୍ଟରେ ନ୍ୟୁଜିଲାଣ୍ଡ ଠାରୁ ୧୧୩ ରନରେ ପରାସ୍ତ ହୋଇଛି । ଏହି ମ୍ୟାଚ୍ ହାରିବା ପରେ ୩ଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ୨-୦ରେ ରୋହିତ୍ ବାହିନୀ ହାତରୁ ଖସିଛି । ଏହା ସହିତ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲରେ ଟିମ୍ ଇଣ୍ଡିଆକୁ ଝଟକା ଲାଗିଛି । ପୁଣେ ଟେଷ୍ଟ ପୂର୍ବରୁ ଭାରତୀୟ ଦଳ ୬୮.୦୬ ପ୍ରତିଶତ ଅଙ୍କ ସହିତ ଟପରେ ଥିଲା । ମାତ୍ର ମ୍ୟାଚରେ ନ୍ୟୁଜିଲାଣ୍ଡ ଠାରୁ ମାତ୍ ଖାଇବା ପରେ ପଏଣ୍ଟ ହାର ହ୍ରାସ ପାଇ ୬୨.୮୨ ପ୍ରତିଶତକୁ ଖସି ଆସିଛି । ରୋହିତ୍ ସେନା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ?ର ୨୦୨୩-୨୫ରେ ବର୍ତ୍ତମାନ ସୁଦ୍ଧା ୧୩ଟି ମ୍ୟାଚ୍ ଖେଳିଛି । ଏଥିରୁ ୮ଟି ମ୍ୟାଚରେ ବିଜୟ, ୩ ମ୍ୟାଚରେ ପରାଜୟ ଏବଂ ଗୋଟିଏ ଡ୍ର' ସହିତ ୯୮ ଅଙ୍କରେ ହାସଲ କରିଛି ।

ଡବ୍ଲୁଟିସି ଅଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ଅଷ୍ଟ୍ରେଲିଆ । କଙ୍ଗାରୁ ଦଳ ବର୍ତ୍ତମାନ ସୁଦ୍ଧା ୧୨ଟି ମ୍ୟାଚ୍ ଖେଳିଥିବା ବେଳେ ଏଥିରୁ ୮ଟିରେ ବିଜୟ ହାସଲ କରିଛି । ୩ଟିରେ ପରାସ୍ତ ଏବଂ ଗୋଟିଏ ମାଚ୍ ଡ୍ର' କରି ୯୦ ଅଙ୍କ ସହିତ ପାଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି । ଅଷ୍ଟ୍ରେଲିଆ ପଛକୁ ରହିଛି ଶ୍ରୀଲଙ୍କା ଦଳ । ପୂର୍ବତନ ଭେଟେରାନ୍ ଅଲରାଉଣ୍ଡର ସନଥ୍ ଜୟସୁରିଆ କୋଚ୍ ମଙ୍ଗ ସମ୍ଭାଳିବା ପରେ ଦଳ ଦଳ ମଧ୍ୟରେ ନୂଆ ଉର୍ଜା ସୃଷ୍ଟି ହୋଇଛି । ନ୍ୟୁଜିଲାଣ୍ଡ ଟିମକୁ ୨-୦ରେ ଟେଷ୍ଟ ଶୃଙ୍ଖଳା ହରାଇ ଡବ୍ଲୁଟିସିର ତୃତୀୟ ସ୍ଥାନରେ ରହିଛି । ଶ୍ରୀଲଙ୍କା ପରେ ଚତୁର୍ଥ ସ୍ଥାନରେ ରହିଛି ନ୍ୟୁଜିଲାଣ୍ଡ ଟିମ୍ । ଭାରତକୁ ହରାଇ କ୍ୱିଓ୍ୱି ଦଳ ମଧ୍ୟ ଡବ୍ଲୁଟିସି ଫାଇନାଲ୍ ଖେଳିବା ଆଶା ରଖିଛି ।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ତାଲିକାରେ ବଡ଼ ଗଡ଼ବଡ଼ କରିବା ଲକ୍ଷ୍ୟରେ ରହିଛି ପାକିସ୍ତାନ । ଘରୋଇ ମାଟିରେ ବାଂଲାଦେଶ ଠାରୁ ଟେଷ୍ଟ ସିରିଜ୍ ହାରିଥିବା ପାକ୍ ଦଳ ଇଂଲଣ୍ଡକୁ ୨-୧ରେ ହରାଇ ଡବ୍ଲୁଟିସି ଅଙ୍କ ତାଲିକାର ସମୀକରଣକୁ ବିଗାଡ଼ି ଦେଇଛି । ପଏଣ୍ଟ ଟେବୁଲରେ ସପ୍ତମ ସ୍ଥାନରେ ରହିଥିଲେ ମଧ୍ୟ ଭାରତ ରାସ୍ତାରେ କଣ୍ଟା ହୋଇ ଉଭା ହୋଇଛି । ପାକିସ୍ତାନ ଟିମ୍ ବାକି ଥିବା ମ୍ୟାଚକୁ ଜିତି ଫାଇନାଲରେ ଏଣ୍ଟ୍ରି କରିବା ଆଶା ରଖିଛି ।

ଚଳିତ ଡବ୍ଲୁଟିସି ୨୦୨୩-୨୫ ଚକ୍ରରେ ୨୦ଟି ମ୍ୟାଚ୍ ବାକି ରହିଛି । ଏହି ୨୦ଟି ମ୍ୟାଚ୍ ଫାଇନାଲ ପାଇଁ ନିର୍ଣ୍ଣାୟକ ହେବା ବୋଲି କୁହାଯାଉଛି । ରୋହିତ୍ ବାହିନୀକୁ ଫାଇନାଲରେ ପ୍ରବେଶ କରିବାକୁ ହେଲେ ବାକି ଥିବା ୬ଟି ମ୍ୟାଚରୁ ସର୍ବନିମ୍ନ ୪ଟି ମ୍ୟାଚ୍ ଜିତିବାକୁ ପଡ଼ିବ । ଏଥିରେ ଭାରତୀୟ ଦଳ ଫେଲ୍ ମାରିଲେ ଅନ୍ୟ ଟିମର ହାରିବା ଜିତିବା ଉପରେ ନିର୍ଭର କରିବ ଦଳ ।




MBA/24-25/0318

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar